

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୬ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 May 2024

Vol.No. 35 ■ No.131 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆମ ପାଖରେ ଓଡ଼ିଶା ପାଇଁ ନେତୃତ୍ୱ ସଙ୍କଟ ନାହିଁ: ଅମିତ ଶାହ



ଭୁବନେଶ୍ୱର, ୧୫/୫ (ନି.ପ୍ର): ଆମ ପାଖରେ ଓଡ଼ିଶାକୁ ନେତୃତ୍ୱ ନେବା ପାଇଁ ସଂକଟ ନାହିଁ। ଓଡ଼ିଶା ଗସ୍ତରେ ଆଜି ଏପରି କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ସେ ଆହୁରି କହିଛନ୍ତି, ଓଡ଼ିଶାରେ ବିକାଶ ହୋଇନି। ନବୀନ ପଟ୍ଟନାୟକଙ୍କୁ ସ୍ୱୀକାର କରିବାକୁ ପଡ଼ିବ। ସ୍ଥିର ସରକାର ଥିବା ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ବିକାଶ ହୋଇନି। ସ୍ଥିର ସରକାର ସତ୍ତ୍ୱେ ବିକାଶ ହୋଇନଥିବାରୁ ଲୋକ ପରିବର୍ତ୍ତନ ଚାହୁଁଛନ୍ତି। ଓଡ଼ିଶା ପାଇଁ ଆମ ପାଖରେ ଭଲ ଓ ଦକ୍ଷ ନେତୃତ୍ୱ ରହିଛନ୍ତି। ଆମ ପାଖରେ ଅନେକ ସକ୍ଷମ ଓ ଅନୁଭବୀ ଲୋକ ଅଛନ୍ତି। ତାଙ୍କ ପାର୍ଟିରୁ ମଧ୍ୟ ଅନେକ ଦକ୍ଷ ନେତା ଆମ ଦଳକୁ ଆସିଛନ୍ତି। ତେଣୁ ଆମ ପାଖରେ ଓଡ଼ିଶା ବିଜେପି ପାଇଁ ନେତୃତ୍ୱ ସଂକଟ ନାହିଁ ବୋଲି ଅମିତ ଶାହ କହିଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଶାରେ ଅଣଓଡ଼ିଆ ଅଫିସରଙ୍କ ଶାସନ ଚାଲିଛି। ଓଡ଼ିଶାରେ ଏବେ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ସମ୍ମାନ ମୁଦ୍ଦା ହୋଇଛି। ନବୀନଙ୍କ ପଛରେ ବାହାର ରାଜ୍ୟର ଅଫିସର ଶାସନ ଚଳାଉଛନ୍ତି। ଅଣଓଡ଼ିଆ ଅଫିସର ଶାସନ କରିବା ଓଡ଼ିଶା ଲୋକଙ୍କୁ କଷ୍ଟ ଦେଉଛି। ରାମ ଉତ୍ସବକୁ ରୋକିବା ପ୍ରୟାସ ଲୋକଙ୍କ ଭିତରେ ଆକ୍ରୋଶ ଭରିଛି। ଏଥର ଓଡ଼ିଶାରେ ନିଶ୍ଚିତ ଭାବେ ବିଜେପି ସରକାର ହେବ। ନିଶ୍ଚିତ ଭାବେ ବିଜେପି ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ଶାହ କହିଛନ୍ତି। ଶ୍ରୀମନ୍ଦିର ପ୍ରସଙ୍ଗରେ ଅମିତ ଶାହ କହିଛନ୍ତି, ବିଜେପି ସରକାର ଆସିବା କ୍ଷଣି ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବ। ବିଜେପି ମୁଖ୍ୟମନ୍ତ୍ରୀ ଶପଥ ନେବାର ୬ ଘଣ୍ଟା ମଧ୍ୟରେ ଖୋଲିବ ୪ ଦ୍ୱାର। ୧ ମାସ ମଧ୍ୟରେ ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟ ସାର୍ବଜନୀନ ହେବ ବୋଲି ଶାହ କହିଛନ୍ତି। ଓଡ଼ିଶା ଗସ୍ତାରେ ଆସିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଗଞ୍ଜାମରେ ତାଙ୍କର ବିଶାଳ ସଭା ହୋଇଥିଲା। ସୋରଡ଼ା ସଭା ପରେ ଶାହ କଟକ ଆସିଥିଲେ। କଟକରେ ବିଶାଳ ରୋଡ୍ ଶୋ କରିଥିଲେ।

## ବଲାଙ୍ଗିରରେ ବିଜେପି ଉପରେ ଗର୍ଜିଲେ : ରାହୁଲ ଗାନ୍ଧୀ



ବଲାଙ୍ଗିର, ୧୫/୫ (ନି.ପ୍ର): ନିର୍ବାଚନ ପ୍ରଚାର ନିମନ୍ତେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ବଲାଙ୍ଗିରର କୋଶଳ କଳାମଣ୍ଡଳରେ ଜନ ଆଶୀର୍ବାଦ ସଭାରେ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି ରାହୁଲ ଗାନ୍ଧି। ହେଲେ ରାଜ୍ୟ ସରକାର ବା ମୁଖ୍ୟମନ୍ତ୍ରୀ କି ବିଜେଡି ବିରୋଧରେ ପଦେ ବି କହିନାହାନ୍ତି। ଏପରିକି ମୁଖ୍ୟମନ୍ତ୍ରୀ କି ବିଜେଡି ନାଁ ମଧ୍ୟ ଧରିଲେନି ରାହୁଲ ଗାନ୍ଧି। ପୂରା ଭାଷଣରେ କେବଳ କେନ୍ଦ୍ର ସରକାର ଓ ବିଜେପି ବିରୋଧରେ ବର୍ଷିଛନ୍ତି। ରାହୁଲ କହିଛନ୍ତି, ଏବେ ଯେଉଁ ଲଢେଇ ଚାଲିଛି, ତାହା ୨ଟି ବିଚାରଧାରା ମଧ୍ୟରେ। କିନ୍ତୁ ପ୍ରଥମ ଥର କୌଣସି ରାଜନୈତିକ ଦଳ କହିଛି ଯେ, ନିର୍ବାଚନ ଜିତିଲେ ଦେଶର ସମ୍ବିଧାନକୁ ପରିବର୍ତ୍ତନ କରିଦେବ। ଏହି ସମ୍ବିଧାନ ଦେଶର ସବୁ ବର୍ଗଙ୍କୁ ଅଧିକାର ଦେଇଛି। ଦୁନିଆର କୌଣସି ଶକ୍ତି ସମ୍ବିଧାନକୁ ଛୁଇଁ ପାରିବନି। ଯଦି ଏହି ସମ୍ବିଧାନକୁ ଚିରିବାକୁ କେହି ଚେଷ୍ଟା କରେ ତେବେ କଂଗ୍ରେସ ଓ ଦେଶବାସୀ ଚୁପ୍ ବସିବେନି। ରାହୁଲ ନିଜ ଅଭିଭାଷଣରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ସହ ଅନେକ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସେ କହିଛନ୍ତି, ଜୁନ୍ ୪ ତାରିଖରେ ଇଣ୍ଡି ମେଣ୍ଟ ସରକାର ଗଠନ ହେବ। ସରକାରକୁ ଆସିବା କ୍ଷଣି ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରିବୁ। ଜାତି ଜନଗଣନା ହେବ, ସବୁ ବର୍ଗଙ୍କ ଗଣତି ହେବ। ପ୍ରତି ପରିବାରର ଜଣେ ଜଣେ ମହିଳାଙ୍କୁ ଲକ୍ଷପତି କରାଯିବ। ଜୁଲାଇ ୪ ତାରିଖରେ ପ୍ରଥମ କିସ୍ତି ଭାବେ ମହିଳାଙ୍କ ଖାତାକୁ ୮୫୦୦ ଯିବ। ବର୍ଷକରେ ୧ ଲକ୍ଷ ଟଙ୍କା ପ୍ରତି ମହିଳାଙ୍କ ଖାତାକୁ ଯିବ। ▶▶ପୃଷ୍ଠା ୭

## ସନାତନ ମହାକୁଡ଼ଙ୍କୁ ଜୋତାମାଳ



କେନ୍ଦୁଝର, ୧୫/୫ (ନି.ପ୍ର): କେନ୍ଦୁଝର ଜିଲ୍ଲାର ହେଭିୱେଟ୍ ନେତା ସନାତନ ମହାକୁଡ଼ଙ୍କୁ ଜୋତାମାଳ। ବିଜେଡିର ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନଙ୍କୁ ଜଣେ ବ୍ୟକ୍ତି ଜୋତାମାଳ ପିନ୍ଧାଉଥିବାର ଏକ ଦୃଶ୍ୟ ଭାଇରାଲ୍ ହେବାରେ ଲାଗିଛି। ସୂଚନା ଅନୁଯାୟୀ ଗାଁକୁ ଗାଁ ବୁଲି ନିର୍ବାଚନ ପ୍ରଚାର କରୁଥିଲେ ସନାତନ। ତେବେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମିରିଗିସିଂଘା ଗାଁରେ ହଠାତ୍ ଜଣେ ବ୍ୟକ୍ତି ସାମ୍ନାକୁ ଆସି ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ଜେ.ପି. ନଡ୍ଡା



ଭୁବନେଶ୍ୱର, ୧୫/୫ (ନି.ପ୍ର): ଭୁବନେଶ୍ୱରରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସାରିଛନ୍ତି ନଡ୍ଡା। ରାତି ୭ଟା ୫୦ ମିନିଟରେ ଭୁବନେଶ୍ୱରର ଏକ ହୋଟେଲରେ ବିଜେପି ମହିଳା କାର୍ଯ୍ୟକର୍ତ୍ତା ମାନଙ୍କ ସହ ନଡ୍ଡାଙ୍କ ବୈଠକ ରହିଛି। ରାଜ୍ୟ ବିଜେପି ତାର ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିବା ସୁଭଦ୍ରା ଯୋଜନା ସମ୍ବନ୍ଧରେ ଏହି ବୈଠକ କରିବେ ନଡ୍ଡା। ଆସନ୍ତାକାଲି ରାଜଧାନୀରେ ରୋଡ୍ ଶୋ କରିବେ। କାଲି ସକାଳେ ମାଉସୀ ମା' ମନ୍ଦିର ଠାରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ରୋଡ୍ ଶୋ କରିବେ ଜେ.ପି. ନଡ୍ଡା। ପରେ ଅପରାହ୍ନରେ ବରଗଡ଼ ଜିଲ୍ଲାର ପଦ୍ମପୁର ଓ ସୁନ୍ଦରଗଡ଼ରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ।




# ଫେରାଉ ନାହାନ୍ତି ୬ କୋଟି: ଲୋକେ ଧାଇଁ ଧାଇଁ ହତାଶ: ପୁଲିସ ନିରୁପାୟ, ବ୍ୟାଙ୍କ ନିରବ

ଭୁବନେଶ୍ୱର, ୧୫/୫ (ନି.ପ୍ର): ବିଭିନ୍ନ ବ୍ୟାଙ୍କରେ ବ୍ଲକ୍ ବା ଫ୍ରିଜ୍ ହୋଇ ପଡ଼ିଥିବା ନିଜର ପ୍ରାୟ ୬ କୋଟି ସାଇବର ଠକେଇ ଟଙ୍କା ପାଇବାଲାଗି ଲୋକେ ଚାହିଁ ବସିଛନ୍ତି। କିନ୍ତୁ କଷ୍ଟୋପାର୍ଜିତ ଏହି ଟଙ୍କା ସେମାନଙ୍କୁ କେବେ ମିଳିବ, କାହାରି ପାଖରେ ଉତ୍ତର ନାହିଁ। ପୁଲିସ ଏ ମାମଲାରେ ଏକ ପ୍ରକାର ହାତ ଟେକି ଦେଇଛି। ବିଭିନ୍ନ ଉପାୟରେ ଲୋକଙ୍କୁ ଠକି ସାଇବର ଲୁଟେରା ହଡପ କରିବା ଟଙ୍କାକୁ ପୁଲିସ ବ୍ଲକ୍ କରିଛି। ଠକେଇର 'ଗୋଲ୍‌ଡେନ୍ ଅ୍ୱାର' ଭିତରେ ସଂପୃକ୍ତ ବ୍ୟକ୍ତି ପୁଲିସକୁ ଜଣାଇବାରୁ କିମ୍ବା ଠକେଇ ଟଙ୍କାକୁ ଚାଲାଣ କରିବାରେ ଠକମାନଙ୍କର ବିଳମ୍ବ କାରଣରୁ କିଛି ଅଂଶକୁ ବ୍ଲକ୍ କରିବାରେ ସମର୍ଥ ହୋଇଛି ପୁଲିସ। ଫଳରେ ଠକମାନେ ଠକେଇ ଟଙ୍କା ଉଠାଇ ପାରି ନାହାନ୍ତି କିମ୍ବା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ ?ସଫର କରି ହଡ଼ପ କରି ପାରିନାହାନ୍ତି। ଏହି କ୍ରମରେ କେବଳ ଭୁବନେଶ୍ୱରରେ ଗତ ୩ ମାସ ଭିତରେ ପ୍ରାୟ ୧୬ କୋଟି ଟଙ୍କା ସାଇବର ଠକେଇ ହୋଇଥିବା ବେଳେ ସାଇବର ପୁଲିସ ତା'ଭିତରୁ ୬ କୋଟି ଟଙ୍କା ବ୍ଲକ କରି ପାରିଛି। ବାକି ଟଙ୍କାକୁ ଉଡ଼ାଇ ନେଇଛନ୍ତି ଠକ। ହେଲେ ଠକେଇର ଶିକାର ହୋଇଥିବା ଲୋକମାନେ ବ୍ୟାଙ୍କ୍‌ରେ ବ୍ଲକ୍ ହୋଇ ପଡ଼ିଥିବା ନିଜ ଟଙ୍କା ଫେରି ପାଇପାରୁ ନାହାନ୍ତି। ଏହାକୁ ନେଇ ସେମାନଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ମାମଲାରେ କମିସନରେଟ୍ ପୁଲିସ ପ୍ରାୟତଃ ଉପାୟଶୂନ୍ୟ ହୋଇ ପଡ଼ିଥିବାବେଳେ ଲୋକେ ନିଜ ଟଙ୍କାକୁ ନେଇ ଆଶା ଓ ଆଶଙ୍କା ଭିତରେ ଦୋଳି ଖେଳୁଛନ୍ତି।ତଥ୍ୟ ଅନୁସାରେ, ରାମକୃଷ୍ଣ ସାହୁ (ଛଦ୍ମନାମ) ଏକ ଟ୍ରେଡିଂ ଆପ୍‌ରେ ୨୬ ଲକ୍ଷ ଟଙ୍କା ସାଇବର ଠକେଇର ଶିକାର ହୋଇଥିଲେ। ସେ ଠିକଣା ସମୟରେ ଅଭିଯୋଗ କରିବାରୁ ସାଇବର ପୁଲିସ ଏଥିରୁ ୧୭ ଲକ୍ଷ ଟଙ୍କାକୁ ବ୍ଲକ୍ କରିଥିଲା। ଏହି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଏବେ ପଡି ରହିଛି। ୯ ଲକ୍ଷ ହରାଇଥିଲେ ହେଁ ଶ୍ରୀ ସାହୁଙ୍କ ପାଖକୁ ବାକି ଟଙ୍କା ଫେରିନି। ସେ ମାସେରୁ ଅଧିକ ସମୟ ହେଲାଣି ସାଇବର ଥାନାକୁ ଧାଉଁଛନ୍ତି। ସାହୁଙ୍କ ଭଳି ଆହୁରି ଅନେକ ଅଛନ୍ତି; ଯେଉଁମାନେ ନିଜ ଟଙ୍କା ଫେରିବାକୁ ଚାହିଁ ବସିଛନ୍ତି। ଗୁରୁତ୍ୱପୂର୍ଣ୍ଣ ହେଲା, ଟଙ୍କା କାହିଁକି ଫେରି ପାରୁନି, ସମସ୍ୟା କେଉଁଠି ରହିଛି, କେବେ ଫେରିବ, ଫେରିବା କି ନା- ଏସବୁର କିଛି ନିର୍ଦ୍ଦିଷ୍ଟ ଉତ୍ତର ମିଳୁନାହିଁ। ଯାହା ଖବର ମିଳୁଛି, ସମସ୍ୟା ରହିଛି ବ୍ୟାଙ୍କଗୁଡ଼ିକରେ। ପୁଲିସର ନିର୍ଦ୍ଦେଶ ଆଧାରରେ ବ୍ୟାଙ୍କଗୁଡ଼ିକ ଠକମାନଙ୍କର ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ ସିନା କରିଛନ୍ତି, କିନ୍ତୁ ଟଙ୍କା ହସ୍ତାନ୍ତର କରୁ ନାହାନ୍ତି। ସାଇବର ଥାନାର ଜଣେ ଅଧିକାରୀଙ୍କ ମତରେ, ଏଥିରେ ପୁଲିସ କିଛି କରିବାର ନାହିଁ। ସଂପୃକ୍ତ ଲୋକମାନେ ଅଦାଲତର ଆଶ୍ରୟ ନେଇ ସେଠାରେ ଟଙ୍କାର ମାଲିକାନା ବିଷୟରେ ପ୍ରମାଣ ଦେଲେ, ଅଦାଲତ ହୁଏତ ଟଙ୍କା ଫେରସ୍ତ ଦେବାଲାଗି ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇ ପାରନ୍ତି। ତେବେ ଏ ବିଷୟରେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ନିୟମ ନାହିଁ। ତେଣୁ ଟଙ୍କା ହରାଇ ହତାଶ ହୋଇ ପଡ଼ିଥିବା ଲୋକେ ପୁଣି ଅଦାଲତର ଜଟିଳ ଓ ଲମ୍ବା ପ୍ରକ୍ରିୟା ଭିତରକୁ ଯିବେ କି ନା, ଦ୍ୱନ୍ଦ୍ୱରେ ଅଛନ୍ତି। ପୁଲିସର ତଥ୍ୟ ଅନୁସାରେ, ଗତ ଜାନୁଆରି ମାସରେ ଭୁବନେଶ୍ୱରରୁ ୫ କୋଟି ୨୦ ଲକ୍ଷ ୬୩ ହଜାର ୩୧୬ ଟଙ୍କାର ସାଇବର ଠକେଇ ହୋଇଥିଲା। ତା' ଭିତରୁ ୩କୋଟି ୧୯ ଲକ୍ଷ ୪୬ ହଜାର ଟଙ୍କାକୁ ବ୍ଲକ୍ କରିବାରେ ପୁଲିସ ସଫଳ ହୋଇଛି। ସେହିପରି ଫେବ୍ରୁଆରିରେ ୪ କୋଟି ୭୨ ଲକ୍ଷ ୨୮ ହଜାର ଟଙ୍କା ସାଇବର ଠକେଇ ହୋଇଥିବାବେଳେ ସେଥିରୁ ପ୍ରାୟ ୮୫ ଲକ୍ଷ ୫୩ ହଜାର ଟଙ୍କାକୁ ବ୍ଲକ୍ କରା ଯାଇପାରିଛି। ମାର୍ଚ୍ଚରେ ସାଇବର ଠକ ଲୁଟ୍ କରିଥିବା ପ୍ରାୟ ୫ କୋଟି ୨୪ ଲକ୍ଷ ଟଙ୍କାରୁ ପ୍ରାୟ ୧ କୋଟି ୩୩ ଲକ୍ଷ ଟଙ୍କାକୁ ବ୍ଲକ୍ କରା ଯାଇଛି। ଏସବୁ ବିଭିନ୍ନ ବ୍ୟାଙ୍କରେ ଫସି ରହିଛି। କିଛି ବରିଷ୍ଠ ପୁଲିସ ଅଧିକାରୀଙ୍କ ମତରେ, ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ବା ଅନ୍ୟ କ୍ଷମତାପ୍ରାପ୍ତ ବିଭାଗ ଜରିଆରେ ଏହି ସମସ୍ୟାର ସମାଧାନ ହୋଇପାରେ। କିନ୍ତୁ ତାହା ମଧ୍ୟ ସମୟ ସାପେକ୍ଷ। ପାଖାପାଖି ସେହି କାରଣରୁ ଚିଟ୍‌ଫଣ୍ଡ ଠକେଇରେ ବ୍ଲକ୍ ହୋଇଥିବା କୋଟି କୋଟି ଟଙ୍କାରୁ ଏକ ବଡ଼ଭାଗ ଏବେଯାଏ ଜମାକାରୀଙ୍କ ହାତକୁ ଫେରି ପାରିନାହିଁ।

# କିଡ୍‌ନି ରୋଗ ନେଲାଣି ୨୦ ଜୀବନ: ଅବହେଳିତ ଗାଁ ବେଣୀପଥର

ପାଲଲହଡ଼ା, ୧୫/୫ (ନି.ପ୍ର): ପାଲଲହଡ଼ା ବ୍ଲକ୍ ରୋହିଲା ପଞ୍ଚାୟତର ସୀମାନ୍ତ ଗାଁ ବେଣୀପଥର ନୂଆସାହି ବର୍ଷ ବର୍ଷ ଧରି ଅବହେଳିତ ହୋଇରହିଛି। ଏଠାକୁ ଭଲ ରାସ୍ତା ନାହିଁ। ପାନୀୟଜଳ ଯୋଗାଣ ଠପ୍ ହୋଇଯାଇଛି। ଏକମାତ୍ର ନଳକୂଅରୁ ହଳଦିଆ ପାଣି ବାହାରୁଥିବା ବେଳେ ଗତ ୫ ବର୍ଷ ମଧ୍ୟରେ କିଡ୍‌ନି ରୋଗରେ ୨୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଯଦି ଗାଁର ଏସବୁ ମୌଳିକ ସମସ୍ୟାର ସମାଧାନ କରା ନଯାଏ ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଗାଁରେ ମେଗା ପାନୀୟ ଜଳ ପ୍ରକଳ୍ପ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏହାକୁ ଠିକା ନେଇଥିବା ସଂସ୍ଥା କେବଳ ଦୁଇଟି ପାଇପ୍ ସଂଯୋଗ କରି କାମ ସାରିଦେଇଛି। ଫଳରେ ପାଣି ଗ୍ରାମବାସୀଙ୍କ ପାଖରେ ପହଞ୍ଚିପାରି ନାହିଁ। ଗାଁରେ ଥିବା ଏକମାତ୍ର ନଳକୂଅ ଉପରେ ୩ ଶହ ଲୋକ ନିର୍ଭର କରୁଛନ୍ତି। ଏହି ନଳକୂଅରୁ ପ୍ରଥମେ ଭଲ ପାଣି ବାହାରୁଥିଲା।



କିଛିଦିନ ପରେ ଏହାର ପାଣି ହଳଦିଆ ହୋଇଯାଇଛି। ଏଥିରୁ ଲୁହାଗୁଣ୍ଡ ବାହାରୁଛି। ଏହି ପାଣି ପିଇବା ଉପଯୁକ୍ତ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ବାଧ ହୋଇ ଏହାକୁ ପାନୀୟଜଳ ଭାବେ ବ୍ୟବହାର କରାଯାଉଛି। ଫଳରେ ଗ୍ରାମର ଅଧିକାଂଶ ଲୋକ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଗାଁଲୋକ କହିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଗୌରାଙ୍ଗ ସାହୁ, ଗୋଲେଖ ସାହୁ, ଅଲେଖ ସାହୁ, ସାବିତ୍ରୀ ସାହୁ, ମାଗୁଣି ସାହୁ, ପାଲୁଣି ସାହୁ, କରୁଣା ସାହୁ, ବିମ୍ବା ପେଣ୍ଡୋଇ, ବିଦ୍ୟାଧର କିସାନ, ହାଡି କିସାନ, ଜୁଆଙ୍ଗ କିସାନ ପ୍ରମୁଖ ୨୦ ଜଣ ବ୍ୟକ୍ତିଙ୍କର କିଡ୍‌ନି ରୋଗରେ ମୃତ୍ୟୁ ଘଟିଛି। ଗୋଟିଏ ପରିବାରର ୩ ଭାଇ ଗୌରାଙ୍ଗ, ଗୋଲଖ, ଓ ଅଲେଖ ଆଗପଛ ହୋଇ କିଡ୍‌ନି ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାଇଲେଣି। ୩ ଭାଇଙ୍କ ମୃତ୍ୟୁ ପରେ ସେମାନଙ୍କ ପତ୍ନୀ ବେସାହାରା ହୋଇଛନ୍ତି। ବିଧବାମାନଙ୍କୁ ଏ ପର୍ଯ୍ୟନ୍ତ ବିଧବା ଭତ୍ତା ମିଳି ନାହିଁ। ବାରମ୍ବାର ପ୍ରଶାସନକୁ ଗାଁର ଏସବୁ ସମସ୍ୟା ସମ୍ପର୍କରେ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗାଁକୁ ରାସ୍ତା ନିର୍ମାଣ ସହ ପାନୀୟ ଜଳ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରା ନଗଲେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ପଚାରିବାରୁ ତାଳଚେର ଗ୍ରାମ୍ୟ ଜଳ ପରିମଳ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ସାସମଲ କହିଛନ୍ତି, ନଳକୂଅରେ ବିଶୁଦ୍ଧ ପାଣି ଆଣିବା ପାଇଁ ଆଇରନ୍ ପ୍ରୋଟେକ୍‌ସନ୍ ସିଲିଣ୍ଡର ବସାଯିବ। ଜିଲ୍ଲାପାଳଙ୍କ ଅନୁମୋଦନ ପରେ ଖୁବ ଶୀଘ୍ର ଏହା ବସାଯିବ।

## ପାନୀୟ ଜଳ ପାଇଁ ଛଟପଟ ସହରବାସୀ

ମାଲକାନଗିରି, ୧୫/୫ (ନି.ପ୍ର): ନିର୍ବାଚନକୁ ଦୃଷ୍ଟିରେ ରଖି ମାଲକାନଗିରି ପୌର ପରିଷଦ ପକ୍ଷରୁ ୧୯ଟି ଓ୍ୱାର୍ଡ ର ଗଳି କନ୍ଦି, ମୁଖ୍ୟ ରାସ୍ତା ସଫେଇ କାର୍ଯ୍ୟକୁ କର୍ତୃପକ୍ଷ ଅଗ୍ରାଧିକାର ଦେଉଥିଲେ। ଏଥିସହ ପାନୀୟ ଜଳର ସମସ୍ୟାକୁ ଦୃଷ୍ଟିରେ ରଖି ଦୈନିକ ଦୁଇ ବେଳା ପ୍ରଚୁର ପରିମାଣରେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା । ଏହା ଥିଲା କେବଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ, ନିର୍ବାଚନ ଶେଷ ହେବା ପରେ ମାଲକାନଗିରି ପୌର ପରିଷଦ ଅଂଚଳର ୧୯ଟି ଓ୍ୱାର୍ଡ ରେ ପାନୀୟ ଜଳ ସମସ୍ୟା ଯୋଗୁଁ ସହରବାସୀ ଛଟପଟ ହେଉଥିବା ଦେଖିବାକୁ ମିଳିଛି। ସତସଙ୍ଗ ବିହାର, ପାତ୍ରଗୁଡା, ସାମ୍ବାୟାଗୁଡା, ମଲ୍ଲିକେଶ୍ୱର କଲୋନୀ, ଆଶିର୍ବାଦ କଲୋନୀରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାନୀୟ ଜଳ ଯୋଗାଇ ଦିଆଯାଇ ନଥିବାରୁ ଓ୍ୱାର୍ଡ ବାସିନ୍ଦା ଅନେକ ସମସ୍ୟା ଭୋଗୁଛନ୍ତି। ମାଲକାନଗିରିରେ ରୌଦ୍ରତାପ ଆଜି ୩୯ ଡିଗ୍ରୀ ଥିଲା ବେଳେ ପାନୀୟ ଜଳ ଅଭାବରୁ ଅନେକ ପରିବାର ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପ୍ରସ୍ତୁତି, ସ୍ନାନ ଏବଂ ପାନୀୟ ସମସ୍ୟାର ସମ୍ମୁଖୀନ ହେଉଥିବା ଅନେକ ନାଗରିକ ଅଭିଯୋଗ କରିଛନ୍ତି। ଏ ସମ୍ବନ୍ଧରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ବିଳମ୍ବରେ ହେଲେ ମଧ୍ୟ ଏହି ସବୁ ଅଂଚଳକୁ ଜଳ ଯୋଗାଇ ଦିଆଯିବ ।

## ଗାଙ୍ଗପଡାରେ ବିଜେପି ମହିଳା ପ୍ରଭାରୀଙ୍କ ପ୍ରଚାର

କେନ୍ଦ୍ରାପଡ଼ା, ୧୫/୫ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ପଂଚାୟତରେ ବିଜେପି ଜିଲ୍ଲା ମହିଳା ପ୍ରଭାରୀ ଡ଼ଃ ଜ୍ୟୋତ୍ସ୍ନାରାଣୀ ଜେନା ପ୍ରଚାର କାର୍ଯ୍ୟକ୍ରମ କୁ ଜୋରଦାର କରିଥିବା ଜଣାପଡିଛି । ଡ଼ଃ ଜେନା ପ୍ରଭାରୀ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାର ବିଭିନ୍ନ ଅଂଚଳ ବୁଲି ମହିଳା ଭୋଟର ମାନଙ୍କୁ ମୋଦୀ ସରକାରଙ୍କର ଗ୍ୟାରେଣ୍ଟି ଓ ମହିଳାମାନଙ୍କର ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ସଂପର୍କରେ ବୁଝାଇବା ସହ ବିଜେପି ସପକ୍ଷରେ ମତଦାନ କରିବା ପାଇଁ ନିବେଦନ କରୁଛନ୍ତି। ଏଥି ସହ ରାଜ୍ୟରେ ନବୀନ ସରକାରଙ୍କ ଦୁର୍ନିତି ସଂପର୍କରେ ବିଭିନ୍ନ ପ୍ରଚାର କାର୍ଯ୍ୟକ୍ରମ ରେ ଭାଷଣ ଦେବା ସହ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମହିଳା ମାନଙ୍କୁ ସବୁ ପ୍ରକାର ସହଯୋଗ ଓ ସୁରକ୍ଷା ପ୍ରଦାନ କରିବା ସହିତ ସେମାନଙ୍କୁ ରାଜନୀତିରେ ଅଗ୍ରାଧିକାର ଦିଆଯିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ।

# ଖଣି ଅଞ୍ଚଳର ନିର୍ବାଚନୀ ପ୍ରସଙ୍ଗ: ୫୦ ହଜାର ଛଟେଇ ଶ୍ରମିକଙ୍କ ରୋଜଗାର ଗ୍ୟାରେଣ୍ଟି କାହାର ?

ଯୋଡ଼ା, ୧୫/୫ (ନି.ପ୍ର): ନିର୍ବାଚନ ବୈତରଣୀ ପାର ହେବାପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଭୋଟରଙ୍କୁ ଗ୍ୟାରେଣ୍ଟି ଦେଉଛନ୍ତି। ବିଜେପି ମୋଦୀ ଗ୍ୟାରେଣ୍ଟି ଦେଉଥିବା ବେଳେ ବିଜେଡି ନବୀନ ଗ୍ୟାରେଣ୍ଟି ଦେଉଛି। କଂଗ୍ରେସ ମଧ୍ୟ ଭୋଟରଙ୍କୁ ୧୦ ଗ୍ୟାରେଣ୍ଟି ଦେଇଛି। କ୍ଷମତାକୁ ଆସିବା ପରେ ସବୁ ରାଜନୈତିକ ଦଳ ଭୋଟରଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଚାଲିଛନ୍ତି। ହେଲେ କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଛଟେଇ ହୋଇଥିବା ୫୦ ହଜାର ଶ୍ରମିକଙ୍କୁ ରୋଜଗାର ଗ୍ୟାରେଣ୍ଟି କାହାର ତାକୁ ନେଇ ପ୍ରଶ୍ନ ଉଠିଛି। ଯାହା ଜିଲ୍ଲାର ବହୁଚର୍ଚ୍ଚିତ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ହେବ ବୋଲି ଚର୍ଚ୍ଚା ହେଉଛି।

ମୂଲ୍ୟବାନ ଖଣିଜ ସମ୍ପଦ ବିଶେଷ କରି ଉନ୍ନତମାନର ଲୁହାପଥର ପାଇଁ ଦେଶବିଦେଶରେ ଯୋଡ଼ା ଖଣି ଅଞ୍ଚଳ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବଡ଼ବଡ଼ ଅନ୍ତଃରାଷ୍ଟ୍ରୀୟ କମ୍ପାନିମାନେ ଏଠାରେ ଖଣି ଲିଜ୍ ନେଇ ଖଣିଜ ଉତ୍ତୋଳନ କରୁଛନ୍ତି। ଯୋଡ଼ା ଖଣି ମଣ୍ଡଳରେ ୯୭ଟି ଖଣି ରହିଥିଲା। ଏସବୁ ଖଣିରେ ପୂର୍ବରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତି ପାଇଥିଲେ। କେନ୍ଦ୍ର ସରକାରଙ୍କ ନୂତନ ଖଣି ନୀତି ଆସିବା ପରେ ୨୦୨୦ରେ ରାଜ୍ୟ ସରକାର ଖଣି ନିଲାମ କରିଥିଲେ। ଖଣି ନୂଆ ଲିଜ୍‌ଧାରୀଙ୍କ ହାତକୁ ଚାଲିଯାଇଥିଲା। ବର୍ତ୍ତମାନ ୩୩ଟି ଖଣି କାର୍ଯ୍ୟକ୍ଷମ ରହିଛି। ଖଣି କର୍ତ୍ତୃପକ୍ଷ ଯାନ୍ତ୍ରିକ ଖନନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେହିପରି ନୂଆ ଲିଜ୍‌ଧାରୀ ଖଣି ହାତେଇବା ପରେ ପୂର୍ବରୁ ସେଠାରେ କାମ କରୁଥିବା ଶ୍ରମିକମାନଙ୍କୁ ଛଟେଇ କରିଛନ୍ତି। ଫଳରେ ୫୦ ହଜାରରୁ ଅଧିକ ଖଣି ଶ୍ରମିକ ଏବେ କାମ ନପାଇ ବେକାର ହୋଇ ବସିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ପେଟପାଟଣା ପାଇଁ ରାଜ୍ୟ ବାହାରକୁ ଯାଇ ଦାଦନ ଖଟୁଛନ୍ତି। ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ବୁଲି ଜୋରଦାର ପ୍ରଚାର କରୁଛନ୍ତି। ଖଣି ଅଞ୍ଚଳରେ ବିକାଶକୁ ପ୍ରସଙ୍ଗ କରି ଭୋଟ ମାଗୁଛନ୍ତି। ହେଲେ ଖଣିରେ ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି ଓ ବେକାର ହୋଇ ବସିଥିବା ୫୦ ହଜାର ଶ୍ରମିକଙ୍କ କଥା କେହି ଉଠାଉନାହାନ୍ତି ବୋଲି ଭୋଟରମାନେ



ଅଭିଯୋଗ କରିଛନ୍ତି। ସେମାନଙ୍କ ପେଟପାଟଣା କଥା ବୁଝିବା ପାଇଁ କୌଣସି ରାଜନୈତିକ ଦଳ ଗ୍ୟାରେଣ୍ଟି ଦେଉନଥିବା କହିଛନ୍ତି। ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି, ନିଲାମ ହେବା ପୂର୍ବରୁ ଗୋଟିଏ ଗୋଟିଏ ଖଣିରେ ୫ ହଜାରରୁ ଅଧିକ ଶ୍ରମିକ କାମ କରୁଥିଲେ। ନୂଆ ଲିଜ୍‌ଧାରୀମାନେ ଖଣିରେ ପୂର୍ବରୁ କାମ କରୁଥିବା ଶ୍ରମିକଙ୍କୁ ଛଟେଇ କରିଦେଲେ। କୌଣସି ରାଜନୈତିକ ଦଳ ଏହି ପ୍ରସଙ୍ଗରେ ମୁହଁ ଖୋଲିଲେ ନାହିଁ। ଖଣି ଶ୍ରମିକଙ୍କ ନିଯୁକ୍ତି ପାଇଁ ସରକାର ମଧ୍ୟ କୌଣସି ନିୟମ କଲେନି। ଯାହାଦ୍ୱାରା କମ୍ପାନିମାନେ ଶ୍ରମିକ ବଦଳରେ ଯନ୍ତ୍ର ସାହାଯ୍ୟରେ ଖଣିଜ ଉତ୍ତୋଳନ କରୁଛନ୍ତି। କାମଧନ୍ଦା ହରାଇବା ପରେ ଖଣି ଶ୍ରମିକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ଶ୍ରୀ ନାୟକ କହିଛନ୍ତି।

ସେହିପରି କଂଗ୍ରେସର ବିଧାୟକ ପ୍ରାର୍ଥୀ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ କହିଛନ୍ତି, ଖଣି କମ୍ପାନି ଗୁଡ଼ିକ ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ରହୁନାହିଁ। କମ୍ପାନି ଗୁଡ଼ିକ ଯନ୍ତ୍ର ସାହାଯ୍ୟରେ ଖଣି ଖନନ କରିବା ଦ୍ୱାରା ଶ୍ରମିକମାନେ କାମଧନ୍ଦା ହରାଉଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଖଣିରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେବ ବୋଲି ଶ୍ରୀ ଲାଗୁରୀ କହିଛନ୍ତି। ସେହିପରି ବରିଷ୍ଠ ବିଜେପି ନେତା ରବୀନ୍ଦ୍ର କୁମାର ଦାସ କହିଛନ୍ତି, ଖଣି ଅଞ୍ଚଳରେ ସୃଷ୍ଟି ହୋଇଥିବା ବେକାରୀ ସମସ୍ୟା ପାଇଁ କେବଳ ରାଜ୍ୟ ସରକାର ଦାୟୀ। କାମଧନ୍ଦା ହରାଇଥିବା ଖଣି ଶ୍ରମିକଙ୍କ ପରିବାର ଏବେ ଭୋକଉପାସରେ ଛଟପଟ ହେଉଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି। ଯୋଡ଼ା ଅଞ୍ଚଳର ବିଭିନ୍ନ ଖଣିରେ ନୂଆ ନିଯୁକ୍ତି ଓ ଛଟେଇ ଶ୍ରମିକଙ୍କ ରୋଜଗାର ଦେବା ଗ୍ୟାରେଣ୍ଟି କାହାର ସେନେଇ ନେତାଙ୍କୁ ପ୍ରଶ୍ନ କରିବାକୁ ଭୋଟର ପ୍ରସ୍ତୁତ ହେଉଛନ୍ତି।

# ୪ ମାସରେ ବ୍ରାଉନସୁଗର ମାମଲାରେ ୮୦ ଗିରଫ



ଭୁବନେଶ୍ୱର, ୧୫/୫ (ନି.ପ୍ର): କମିଶନରେଟ ପୁଲିସ ପକ୍ଷରୁ ଆରମ୍ଭ କରାଯାଇଥିବା "ଅପରେସନ ହ୍ୱାଇଟ ସ୍ୱାଇଡର'' ମାଧ୍ୟମରେ ଚଳିତ ବର୍ଷ ଜାନୁଆରି ମାସରୁ ଏପ୍ରିଲ ୩୦ ତାରିଖ ସୁଦ୍ଧା ୪୬ଟି ବେଆଇନ ବ୍ରାଉନସୁଗର କାରବାର ଜନିତ ମାମଲାରେ ମୋଟ ୮୦ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମୋଟ ୨୦ଟି ବ୍ରାଉନସୁଗର ବିକ୍ରି ଜନିତ ମାମଲା ରୁଜୁ କରାଯାଇଛି। ମୋଟ ୩୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନିକଟରୁ ୩୫୨ ଗ୍ରାମ ୮୪୦ ମିଲିଗ୍ରାମ ଓଜନର ବ୍ରାଉନସୁଗର, ୩ ଲକ୍ଷ ୫୦ ହଜାର ୧୬୫ ଟଙ୍କା, ୧୧ଟି ମୋବାଇଲ ଫୋନ, ୧୩ ଟି ଗାଡି ଜବତ କରାଯାଇପାରିଛି। ସେହିପରି ଗତ ବର୍ଷ ମୋଟ ୨୫ଟି ବେଆଇନ ଗଞ୍ଜେଇ ବିକ୍ରି ମାମଲା ରୁଜୁ କରାଯାଇ ମୋଟ ୪୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ସମୁଦାୟ ୨୯୭ କିଲୋଗ୍ରାମ ୭୨୦ ଗ୍ରାମ ଓଜନର ଗଞ୍ଜେଇ, ୭୫, ୦୮୦ ଟଙ୍କା, ୧୨ଟି ମୋବାଇଲ ଫୋନ, ୦୯ଟି ଦୁଇ-ଚାରି ଚକିଆ ଯାନ, ସେହିପରି ୧୬୮ ଲିଟର ନକଲି କଫ ଶିରପ ଜବତ କରାଯାଇ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିଛି।

# ବେଆଇନ ଭାବେ କେନ୍ଦୁପତ୍ର ଆନ୍ତଃରାଜ୍ୟ ଚାଲାଣ ବେଳେ ଛତିଶଗଡ ରାଜ୍ୟ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି, ୧୫/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସୀମାବର୍ତୀ ଛତିଶଗଡ଼ ରାଜ୍ୟର ପେଦା କୁର୍ତୀ ଗ୍ରାମ ନିକଟସ୍ଥ ଡଙ୍ଗା ଘାଟ ନିକଟରେ ଛତିଶଗଡ଼ ବନ ବିଭାଗ ଓ ପୋଲିସ ବିଭାଗର ପକ୍ଷରୁ ମିଳିତ ଚଢଉ କରାଯାଇ ଆନ୍ତଃରାଜ୍ୟ ବେଆଇନ ଭାବେ କେନ୍ଦୁପତ୍ର ଚାଲାଣକାରୀଙ୍କୁ ଠାବ କରିଥିଲା। ସୂଚନା ମୁତାବକ, ଗତ କିଛିଦିନ ଧରି ଓଡିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗର ବ୍ୟବସାୟୀ ମାନେ ପେଦା କୁର୍ତୀ ନିକଟସ୍ଥ ଡଙ୍ଗା ଘାଟରେ ଗତ କିଛିଦିନ ଧରି କେନ୍ଦୁପତ୍ର ଫଡ଼ି ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଠାରୁ କେନ୍ଦୁପତ୍ର କ୍ରୟ କରି ନଦୀରେ ଡଙ୍ଗା ସାହାଯ୍ୟରେ ଓଡିଶାର କୁର୍ତୀ ଗ୍ରାମକୁ ଆଣୁଥିଲେ। ଏନେଇ ସୂଚନା ପାଇ ଗତକାଲି ଠାରୁ ସୁକମା ଜିଲ୍ଲା ସମବାୟ ପରିଚାଳନା ନିର୍ଦ୍ଦେଶକ ଅଶୋକ ପଟେଲଙ୍କ ସମେତ ଏସଡିପିଓ, ସୁକମା ଜିଲ୍ଲା କୋଅପରେଟିଭ୍ ୟୁନିଅନ୍ ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ପ୍ରମୁଖ ଜାଗରଗୁଣ୍ଡା, କୋଂଟା ଓ ଦର୍ନାପାଲ ଜଙ୍ଗଲ ପରିସରର ଅନ୍ତର୍ଗତ ସମସ୍ତ ନଦୀଘାଟ ଏବଂ ଅନ୍ତଃ ରାଜ୍ୟ ମାର୍ଗ ଗୁଡିକୁ କଡାକଡି ଭାବେ ଯାଂଚ କରିଥିଲେ। ଏହି ସମୟରେ ସୂଚନା ପାଇ ପେଦା କୁର୍ତୀ ନଦୀ ଘାଟ ନିକଟସ୍ଥ ଫଡ଼ିରେ ଚଢଉ କରି ପ୍ରାୟ ୨୪ ହଜାର ୫ ଶହ କେନ୍ଦୁପତ୍ର ବିଡ଼ା ଜବତ କରିଥିଲେ। ଏଥିସହ ଜଙ୍ଗଲ ଜାତ ଦ୍ରବ୍ୟକୁ ବେଆଇନ ଭାବେ ଚାଲାଣ କରାଯାଇଥିବାରୁ କୋଂଟା ଅଂଚଳର ଅବଦୁଲ କରିମ ଖାନ, କୁର୍ତୀ ଗ୍ରାମର କାଓ୍ୱାସୀ ହିଡମା ଓ ଶେଖ ସୁହାନାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯିବା ସହ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ଜବତ ହୋଇଥିବା କେନ୍ଦୁ ପତ୍ରକୁ ଫରେଷ୍ଟ ଗାର୍ଡ ଧର୍ମେନ୍ଦ୍ର କୁମାର ସିଂ ଏବଂ ସହକାରୀ ଗୋଦାମ ଦାୟିତ୍ୱରେ ଥିବା ସୋନାରାମ ସୋଡିଙ୍କ ନିକଟରେ ରଖାଯାଇଛି। ଛତିଶଗଡ଼ ସୀମାରୁ ଦୈନିକ ଶହ ଶହ କେନ୍ଦୁପତ୍ର ବସ୍ତା ଓଡ଼ିଶାକୁ ଆସୁଥିବା ବେଳେ ଓଡିଶା ସୀମାରେ ଏ ନେଇ କୌଣଷି ରୋକଟୋକ ନଥିବାରୁ ଛତିଶଗଡ଼ ରାଜ୍ୟରୁ କେନ୍ଦୁପତ୍ର ବ୍ୟବସାୟୀ ମାନେ ୩ ଟଙ୍କାରେ କେନ୍ଦୁପତ୍ର ବିଡ଼ା କ୍ରୟ କରି ଓଡିଶା ଗୋଦାମରେ ଷ୍ଟକ କରୁଥିବା ଜଣାପଡ଼ିଛି। ଛତିଶଗଡ଼ର ବନ ବିଭାଗ ଓ ପୋଲିସ ପକ୍ଷରୁ ବେଆଇନ କେନ୍ଦୁପତ୍ର ଚାଲାଣ କାରୀଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ଦୃଷ୍ଟିରେ ରଖି କୋକୁଆ ଭୟ ଖେଳିଯାଇଥିବା ଆଲୋଚନା ହେଉଛି। ଏପରି ସ୍ଥିତିରେ ଉଭୟ ରାଜ୍ୟର କେନ୍ଦୁପତ୍ର ତୋଳାଳୀଙ୍କ ପ୍ରକୃତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟର ପ୍ରଶାସନ ପକ୍ଷରୁ ଏଭଳି ବେଆଇନ ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# କମି କମି ଆସିଲାଣି ଚାଷ ଜମି: ଖାଦ୍ୟ ସଂକଟର ସମ୍ଭାବନା

ଜୟପୁର, ୧୫/୫ (ନି.ପ୍ର): ଜୟପୁର ସହରର ଚାରି ପାର୍ଶ୍ୱରେ ରହିଥିବା ଶହଶହ ଏକର ଚାଷ ଜମିକୁ ଏବେ ପ୍ଲଟିଂ ପାଇଁ ପୋତା ଚାଲିଛି। ପରିଣାମସ୍ୱରୂପ ଲୋପ ପାଇବାରେ ଲାଗିଲାଣି ଶହ ଶହ ଏକର ଚାଷଜମି । ଯାହାକୁ ନେଇ ଆଗାମୀ ଦିନରେ ଖାଦ୍ୟସଙ୍କଟ ଉପୁଜିବ ବୋଲି ଆଶଙ୍କା କରାଯାଉଛି। ଜିଲା ପ୍ରଶାସନ ସବୁ ଦେଖି ବି ନିରବଦ୍ରଷ୍ଟା ସାଜିଛି, ତାହାକୁ ନେଇ ଉଠିଛି ପ୍ରଶ୍ନ। ଦିନକୁ ଦିନ ଜୟପୁର ସହରର ଜନସଂଖ୍ୟା ବୃଦ୍ଧି ପାଇବା ଫଳରେ ସହରରେ ଘର ନିର୍ମାଣ କରିବା ପାଇଁ ଜମି ନ ମିଳିବା ପରେ ଲୋକେ ସହର ଚାରିପାର୍ଶ୍ୱ ସୀମାନ୍ତରେ ଥିବା ପଂଚାୟତ ଗୁଡିକର ଗାଁ ଗୁଡିକର ଚାଷଜମିକୁ ରିଏଲଇଷ୍ଟେଟ ମାଲିକ ମାନେ କିଣି ଏହାର କିସମକୁ ପରିବର୍ତ୍ତନ କରି ବିକ୍ରୀ କରୁଛନ୍ତି। ସେଠାରେ ଘର ନିର୍ମାଣ କରି ଲୋକେ ରହୁଛନ୍ତି। ପୌରପାଳିକାର ସୀମାନ୍ତରେ ଥିବା ଉମୁରୀ , ବାରିଣୀପୁଟ, ଟାଙ୍କୁଆ ଓ ଗଡ଼ପଦର ପଂଚାୟତ ଅଂଚଳରେ ଗଢ଼ି ଉଠିଛି ମକାପୁଟ, ପଟ୍ଟନାୟକଗୁଡା, କେନ୍ଦୁଗୁଡା, ଦୁବୁଲି, ଏକଟାଗୁଡା ପରି ରହିଛି ବହୁ ଛୋଟ ବଡ କଲୋନୀ। ସିମେଣ୍ଟ



କଂକ୍ରିଟର ଘର ପାଇଁ ଏବେ ବିପଦମୁଖୀ ଚାଷ ଜମି। ସୂଚନା ଅନୁଯାୟୀ, ଜୟପୁର ସହରର ଚାରିପାଖେ ରହିଛି ଜଳସେଚନ ସୁବିଧା। ସିଂହଭାଗ ଅପର କୋଲାବ ବହୁମୁଖୀ ପ୍ରକଳ୍ପ ଦ୍ୱାରା କରାଯାଉଛି । କୋଲାବ୍ ଜଳଭଣ୍ଡାର ପାଣିରେ ପୂର୍ଣ ରହିଥିବାବେଳେ ଏହି ପାଣି ଏବେ ପ୍ଲଟିଂ ପାଇଁ ଚାଷରେ ଲାଗୁନଥିବା ଜଣାଯାଇଛି । ଗାନ୍ଧୀଛକରୁ ଆରମ୍ଭ କରି ପାରାବେଢ଼ା ନିକଟ ଦେଇ ଯାଇଥିବା ଧନପୁର ମୁଖ୍ୟ କେନାଲ୍ ହେଉ କିମ୍ବା ସତୀଗୁଡ଼ା ନଦୀର ଜଳ ସବୁ ସେହି କୋଲାବ ଜଳ ଭଣ୍ଡାର ପାଣିରେ ପୂର୍ଣ୍ଣ । କୋଲାବ ଜଳଭଣ୍ଡାରୁ ଆସି ସତୀଗୁଡ଼ାରେ ଗଚ୍ଛିତ ଜଳ ପୁଣି ଆଇକଟ୍ ହୋଇ ପଦ୍ମପୁର, ଟାଙ୍କୁଆ, ଡିମଳା, ଯୋଗୀପୁଟ, ପାତ୍ରପୁଟି ଦେଇ ଗୋଟିଏ କେନାଲ୍ ମାଧ୍ୟମରେ ଚାଷ ଜମିକୁ ଯାଇଛି। ଏହି କେନାଲ୍ ତଳ ଭାଗରେ ରହିଥିବା ଏକର ଏକର ଚାଷ ଜମିରେ ଏବେ ଚାଲିଛି ମାଟି ପକା କାର୍ଯ୍ୟ। ଏହି ଜମିଗୁଡ଼ିକ ସରକାରୀ ଖାତାରେ ଧାନ-୩ ରହିଥିବାବେଳେ କୃଷି ବିଭାଗ ମଧ୍ୟ ଏହାକୁ ଚାଷ ଜମି ଦେଖାଇ ଏହାର ଧାନ ଅମଳ କଥା ସରକାରକୁ ପ୍ରତି ବର୍ଷ ନିଜ ରିପୋର୍ଟରେ ଦେଖାଉଛି। କିନ୍ତୁ ପ୍ରକୃତ ପକ୍ଷେ ଏହି ଜମି ଗୁଡ଼ିକରେ ଏବେ ମାଟି ପକାଯାଇ ପ୍ଲଟିଂ କରାଯାଇଛି। ଏହି ଅଞ୍ଚଳର ଆନୁମାନିକ ୫୦ ଏକର ଜମି ଏବେ ପ୍ଲଟିଂ ପାଇଁ ପ୍ରସ୍ତୁତ ରହିଥିବା ବେଳେ ଜୟପୁର ସହରର ଅନ୍ୟ ଦିଗ ଗୁଡ଼ିକରେ ମଧ୍ୟ ତଦନୁସାରେ ଚାଷଜମିରେ ଚାଲିଛି ପ୍ଲଟିଂ ବେପାର। ଯେଉଁ ଆଇନ ଆଳରେ ଚାଷ ଜମିକୁ ଅଣଚାଷ ଜମି ଭାବେ ପରିବର୍ତ୍ତନ କରାଯାଉଛି ତାହାକୁ ଭଲ ଭାବେ ନ ଡନଖି ପ୍ରଶାସନ ଜମିର କିସମ ପରିବର୍ତ୍ତନ କରିଚାଲିଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଚାଷ ଜମିକୁ ଆଖିରେ ରଖି ସତୁରୀ ଦଶକରେ କୋଲାବ ଜଳଭଣ୍ଡାର ନିର୍ମାଣ କରାଯାଇଥିବାବେଳେ ଜମିକୁ ପାଣି ଯିବା ପାଇଁ ଏକାଧିକ କେନାଲ୍ ନିର୍ମାଣ କରାଯାଇଥିଲା। ଧିରେ ଚାଷ ଜମି କମିବା ଫଳରେ ଧାନ ଓ ଅନ୍ୟ ଖାଦ୍ୟ ଶସ୍ୟ ଚାଷ ନହେଲେ ଖାଦ୍ୟ ସଂକଟ ଦେଖାଦେବ ଏଥିରେ ଦ୍ୱିମତ ନାହିଁ।

# ଧାରାବାହିକ:

ଭାଗ-୮

# ସଂକ୍ଷିପ୍ତ ଭାଗବତ କଥାମୃତ



**ଡ. ଶ୍ରୀହରି ପଣ୍ଡା**



(ପୂର୍ବ ପ୍ରକାଶିତ ଉତ୍ତାରୁ)

୪ର୍ଥ ଅଧ୍ୟାୟ

।। ରାଜା ପରୀକ୍ଷିତଙ୍କ ପ୍ରଶ୍ନ ଏବଂ ଶ୍ରୀଶୁକଦେବଙ୍କ କଥାରମ୍ଭ ।।

ଶ୍ରୀ ସୂତ କହିଲେ, ରାଜା ପରୀକ୍ଷିତ ଶୁକଦେବଙ୍କର ଉପଦେଶ ଶ୍ରବଣ କରି ସମସ୍ତ ପ୍ରପଞ୍ଚକୁ ତ୍ୟାଗକରି ଭଗବାନଙ୍କଠାରେ ମନ ଅର୍ପଣ ପୂର୍ବକ ପ୍ରଶ୍ନ କଲେ ହେ ବ୍ରହ୍ମନ! ଅଦଭୁତ କର୍ମା ଭଗବାନ ଏକ ବା ଏକାଧିକ ବ୍ରହ୍ମା, ବିଷ୍ଣୁ, ଶିବ ରୂପରେ ବିଶ୍ୱର ସୃଷ୍ଟି ସ୍ଥିତି ଲୟ ସାଧନା କରନ୍ତି, କିପରି ପ୍ରକୃତିର ଗୁଣରେ ସଞ୍ଚରିତ ହୁଅନ୍ତି ପୁଣି ତ୍ୟାଗ କରିଦିଅନ୍ତି । ପ୍ରତ୍ୟୁତ୍ତରରେ ଶୁକଦେବ ଭଗବାନଙ୍କ ସ୍ତୁତି କଲେ, ଯେଉଁ ପରମ ପୁରୁଷ ତ୍ରିଗୁଣ ଓ ତ୍ରିଶକ୍ତି ଧାରଣକରି ସୃଷ୍ଟି ପାଳନ ଓ ସଂହାର କରନ୍ତି, ଜୀବର ଅନ୍ତର ବାହାରେ ସର୍ବତ୍ର ବିଚରଣ କରନ୍ତି, ଦୁଷ୍ଟନାଶନ ସନ୍ଥପାଳନ ଯାହାଙ୍କର ବ୍ରତ, ଯେ ଆତ୍ମା ତତ୍ତ୍ୱ ଦାତା, ଭକ୍ତବତ୍ସଳ, ଯାହାଙ୍କ ଭଜନ କୀର୍ତ୍ତନରେ ସମସ୍ତ ପାପ ଧୋଇଯାଏ, ସେହି ସର୍ବମଙ୍ଗଳକାରୀ, ଭବଭୟହାରୀ, ପତିତପାବନ, ଯେ ରୂପ ଅରୂପ, ସଗୁଣ ନିର୍ଗୁଣ, ବ୍ରହ୍ମରୂପୀ, ବେଦରୂପୀ, ମାତାପିତା ରୂପୀ, ଭାଇବନ୍ଧୁ, ସଖା ସୋଦର, ସ୍ୱାମୀ, ସର୍ବସ୍ୱ ରୂପରେ ଭକ୍ତର ମନ ଜାଣି ତାକୁ ପ୍ରାପ୍ତ ହୁଅନ୍ତି, ସେହି ଭଗବାନ ମୋ ପ୍ରତି ସଦୟ ହୁଅନ୍ତୁ । ସେହି ଦ୍ୱିତୀୟ କୃଷ୍ଣରୂପୀ ଭଗବାନ ବ୍ୟାସଦେବ, ଯାହାଙ୍କ ମୁଖରୁ ନିଃଶ୍ରୁତ ଜ୍ଞାନରସ ମୁନିମାନେ ଆନନ୍ଦରେ ଅବିରତ ପାନ କରନ୍ତି ତାଙ୍କର ପାଦପଦ୍ମରେ ମୋର ନମସ୍କାର ।

୫ମ ଅଧ୍ୟାୟ

।। ସୃଷ୍ଟି ବର୍ଣ୍ଣନା ।।

ଶ୍ରୀ ଶୁକଦେବ କହିଲେ ହେ ରାଜନ! ଭଗବାନଙ୍କ ଲୀଳାବର୍ଣ୍ଣନା ତାଙ୍କ କୃପାବିନା କରିବା ସହଜ କଥା ନୁହେଁ । ତୁମେ ଯେଉଁ ପ୍ରଶ୍ନ ପଚାରିଲ ସେହି ପ୍ରଶ୍ନ ଦେବର୍ଷି ନାରଦ ବ୍ରହ୍ମାଙ୍କୁ ପଚାରିଥିଲେ; ସେ ଯାହା କହିଥିଲେ ତାହା ହିଁ ତୁମ ପ୍ରଶ୍ନର ଯଥାର୍ଥ ଉତ୍ତର ହେବ । ନାରଦ ପଚାରିଥିଲେ, ହେ ପିତା! ବେଦର ଆତ୍ମତତ୍ତ୍ୱ ଜ୍ଞାତା, ଭୂତ,ଭବିଷ୍ୟ ଓ ବର୍ତ୍ତମାନ ଗୋଚର । ଆପଣଙ୍କୁ ସୃଷ୍ଟି ଜ୍ଞାନ ହେଲା କିପରି? କାହା ନିର୍ଦ୍ଦେଶରେ ଏବଂ କାହା ପାଇଁ ଆପଣ ସୃଷ୍ଟି କରୁଛନ୍ତି ? ଅପଣ କାହାକୁ ତପସ୍ୟା କରନ୍ତି? ବ୍ରହ୍ମା ପ୍ରତ୍ୟୁତ୍ତରରେ କହିଥିଲେ ହେ ବତ୍ସ! ତୁମର ଅନୁମାନ ଠିକ । ପରମାତ୍ମା, ପରମେଶ୍ୱରଙ୍କ ଇଚ୍ଛାରେ ହିଁ ସୃଷ୍ଟି ଜନ୍ମ, ବିଲୟ ଓ ଭିଆଣ ହୋଇଥାଏ । ସେଇଥିପାଇଁ ସେ ନିର୍ଗୁଣ ହୋଇ ମଧ୍ୟ ସଗୁଣ ଯାହା କୁ କି କେବଳ ଭକ୍ତିଦ୍ୱାରା ଜାଣିହେବ ଯୁକ୍ତି ଦ୍ୱାରା ନୁହେଁ । ସେହି ତ୍ରିଗୁଣ ବିଭିନ୍ନ ରୂପରେ ବିକାର ପ୍ରାପ୍ତହୋଇ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମର ସୃଷ୍ଟି ହୁଏ ଏବଂ ଏହି ପଞ୍ଚମହାଭୂତ ସହିତ ଇନ୍ଦ୍ରିୟ ଓ ମନ ମିଶି ଲିଙ୍ଗ ଶରୀର ସୃଷ୍ଟି ହୁଏ । ନିର୍ଗୁଣ ଭଗବାନ ଗୁଣଯୁକ୍ତ ହୋଇ ସୃଷ୍ଟି ରଚନା କରିସାରି ଗୁଣମୁକ୍ତ ହୋଇଯାଉଥିବା ସମୟରେ ସୃଷ୍ଟଜୀବ ଗୁଣରେ ଆବଦ୍ଧ ହୁଏ । ଭଗବାନଙ୍କ ଏହି ଅବୋଧ, ଅକଳନୀୟ ମାୟାଶକ୍ତିରୁ କିଞ୍ଚିତ ପ୍ରଗାଢ ଭକ୍ତି ବଳରେ ଜାଣିହୁଏ । ସେହି ବିରାଟ ପୁରୁଷଙ୍କ ଅବୟବରୁ ବିଭିନ୍ନ ଲୋକ ସୃଷ୍ଟି ହୋଇଛି ଯାହା ମୁଁ ତହିଁରେ ସାମାନ୍ୟ ମାତ୍ର ।

୬ଷ୍ଠ ଅଧ୍ୟାୟ

।। ବିରାଟ ପୁରୁଷଙ୍କ ବିଭିନ୍ନ ବିଭୂତିର ବର୍ଣ୍ଣନା ।।

ସେହି ବିରାଟ ପୁରୁଷଙ୍କ ମୁଖରୁ ଅଗ୍ନି, ନାସାରନ୍ଧ୍ରରୁ ବାୟୁ, ଚକ୍ଷୁରୁ ସୂର୍ଯ୍ୟଚନ୍ଦ୍ର, କର୍ଣ୍ଣରୁ ସମସ୍ତ ତୀର୍ଥ, ଆକାଶ ଓ ଶବ୍ଦର ଉତ୍ପତ୍ତି ହୋଇଅଛି । ତାଙ୍କର ଶରୀରରୁ ସମସ୍ତ ସୌଭାଗ୍ୟ, ସମସ୍ତ ସାରବସ୍ତୁ ଓ ତ୍ୱକ୍ ରୁ ସ୍ପର୍ଶାନୁଭୂତିର ସୃଷ୍ଟି, ଉଦ୍ଭିଦମାନେ ତାଙ୍କର ରୋମରାଜି ଅଟନ୍ତି, ମେଘ, ବଜ୍ର,ବିଦ୍ୟୁତ ତାଙ୍କର କେଶ ଶ୍ମଶ୍ରୁ ନଖାଦିରୁ ସୃଷ୍ଟି ହୋଇଛନ୍ତି । ତାଙ୍କର ବିଭିନ୍ନ ଅଙ୍ଗରୁ ଦେବତା, ମୁନି ଋଷି,ଯକ୍ଷ, ଗନ୍ଧର୍ବ, କିନ୍ନର, ଅପସରା, ରାକ୍ଷସ, ଭୂତପ୍ରେତ, ପିଶା. ମନୁଷ୍ୟ, ପଶୁପକ୍ଷୀ, କୀଟପତଙ୍ଗ, ଧର୍ମଅଧର୍ମ, ଜୟପରାଜୟ, ଦୟା କ୍ଷମା, ସ୍ନେହ ମମତା ସହିତ ହିଂସା, ଅଲକ୍ଷ୍ମୀ, ମୃତ୍ୟୁ, ନରକାଦିର ସୃଷ୍ଟି ହୋଇଛି । ସେ ହିଁ ତ୍ରିକାଳ ବ୍ୟାପୀ । ବାହ୍ୟ ଗୁହ୍ୟ, ରୂପ ଅରୂପ ଲଭ୍ୟଅଲଭ୍ୟ, ଗ୍ରାହ୍ୟ ଅଗ୍ରାହ୍ୟ-ସର୍ବମୟ । ଜନ୍ମ ମରଣ ତାଙ୍କଠାରୁ ସମ୍ଭୁତ ମାତ୍ର ସେ ଏଥିରୁ ଉର୍ଦ୍ଧ୍ୱରେ ରହିଥାନ୍ତି । ମୁଁ (ବ୍ରହ୍ମା) ନିଜେ ତାଙ୍କ ନାଭି କମଳରୁ ଜାତ । ତାଙ୍କରି ସୃଷ୍ଟ ପଦାର୍ଥକୁ ତାଙ୍କୁ ପ୍ରଦାନ କରି ତାଙ୍କରି ଆଜ୍ଞାରେ ସୃଷ୍ଟି କରିଥାଏ । ଶିବ ସଂହାର କରିଥାନ୍ତି ଏବଂ ସେ ନିଜେ ବିଷ୍ଣୁ ରୂପରେ ପାଳନ କରିଥାଆନ୍ତି । ଆକାଶ ଯେପରି ନିଜର ସୀମା ଜାଣିପାରେ ନାହିଁ ଠିକ ସେହିପରି ଭଗବାନ ନିଜର ମାୟାରେ ଆଦିଅନ୍ତ ବୋଧେ ଜାଣିପାରନ୍ତି ନାହିଁ । ସେ ବିଶୁଦ୍ଧ ସତ୍ୟ ଓ ଜ୍ଞାନମୟ, ଅନ୍ତର୍ଯ୍ୟାମୀ । ସନ୍ଦେହ ରହିତ ନିର୍ଗୁଣ ହେତୁ ତାଙ୍କର ଚାଞ୍ଚଲ୍ୟ, ପରିବର୍ତ୍ତନ ବା ଜନ୍ମ ମରଣ ନାହିଁ । ସେ ସଦା ପରିପୂର୍ଣ୍ଣ, ନିତ୍ୟ ଓ ଅଦ୍ୱୈତ୍ୟ, କେବଳ ଆତ୍ମାରେ ଆତ୍ମା ରୂପେ ପ୍ରାପ୍ତ ହୁଅନ୍ତି ଯାହାକି ପ୍ରଗାଢ ଭକ୍ତି ଦ୍ୱାରା ସମ୍ଭବ ହୁଏ ।

୭ମ ଅଧ୍ୟାୟ

।। ଭଗବାନଙ୍କ ଲୀଳାବତାର ଚରିତ ।।

ବ୍ରହ୍ମା କହିଲେ, ହେ ନାରଦ! ଇନ୍ଦ୍ର ଯେପରି ବଜ୍ର ଦ୍ୱାରା ପର୍ବତ ବିଦାରଣ କରନ୍ତି ସେହିପରି ଭଗବାନ ବିଷ୍ଣୁ ପୃଥିବୀ ଉଦ୍ଧାର ନିମିତ୍ତ ବରାହ ରୂପରେ ହିରଣ୍ୟାକ୍ଷ ଦୈତ୍ୟକୁ ବିଦାରଣ କରିଥିଲେ । ରୁଚି ମୁନିଙ୍କ ପତ୍ନୀ ଆକୂତୀଙ୍କ ଗର୍ଭରୁ ସୁଯଜ୍ଞ, ଦକ୍ଷିଣାଙ୍କ ଗର୍ଭରେ ଦେବଗଣଙ୍କ ଜନ୍ମଦାନ କରାଇଥିଲେ । ତ୍ରିଲୋକର ପୀଡା ହରଣ କରିଥିବାରୁ ତାଙ୍କ ମାତାମହ ତାଙ୍କର ନାମଦେଲେ 'ହରି' । ସେ କର୍ଦ୍ଦମ ଋଷିଙ୍କ ଔରସରୁ ପତ୍ନୀ ଦେବହୂତୀଙ୍କ ଗର୍ଭରୁ 'କପିଳ' ରୂପେ ଅବତାର ନେଇ ନିଜ ମାତାଙ୍କୁ ବ୍ରହ୍ମ ଜ୍ଞାନ ଶିକ୍ଷା ଦେଇଥିଲେ । ଅତ୍ରିମୁନିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ନିଜକୁ ଦତ୍ତ କରିଥିବାରୁ ତାଙ୍କର ନାମ ହେଲା ଦତ୍ତାତ୍ରେୟ । ଏହାପରେ ସନତ୍,ସନକ, ସନନ୍ଦ,ସନାତନ ନାମରେ ଚାରି କୁମର ହୋଇ ଋଷିମାନଙ୍କୁ ଆତ୍ମତତ୍ତ୍ୱ ଉପଦେଶ ଦେଇଥିଲେ । ଦକ୍ଷକନ୍ୟା ମୂର୍ତ୍ତିଦେବୀଙ୍କ ଗର୍ଭରୁ ନର-ନାରାୟଣ ରୂପେ ଅବତୀର୍ଣ୍ଣ ହୋଇ ଘୋର ତପସ୍ୟା କଲେ । ଇନ୍ଦ୍ର ତପଭଙ୍ଗର ଉଦ୍ଦେଶ୍ୟ ନେଇ ଅପସରାମାନଙ୍କୁ ପଠାଇଥିଲେ ହେଁ ତାଙ୍କର କୌଣସି ବିକାର ନଥିବା ଦେଖିଲେ । ତାଙ୍କ ଅଙ୍ଗରୁ ଅଷ୍ଟ ଅପସରା ଜାତ ହେଲେ । ସେମାନେ ସ୍ୱୟଂ ଭଗବାନ ବୋଲି ଜାଣି ନମସ୍କାର କଲେ । ସେହି ଭଗବାନଙ୍କୁ ଧ୍ରୁବ ତପସ୍ୟାରେ ସନ୍ତୁଷ୍ଟ କରି ସପ୍ତର୍ଷି ମଣ୍ଡଳରେ ଧ୍ରୁବଲୋକ ପ୍ରାପ୍ତ ହେଲେ । ରାଜା ବିପଥଗାମୀ ହେଉଛନ୍ତି ଜାଣି ପୃଥୁ ନାମରେ ତାଙ୍କ ନିକଟରୁ ଜନ୍ମନେଇ ତାଙ୍କୁ ପୁତନାମକ ନରକରୁ ଉଦ୍ଧାର କଲେ । ପୁଣି ନାଭିଙ୍କ ପୁତ୍ର ଋଷଭ ରୂପେ ଜନ୍ମନେଇ ଜଡ ରୂପେ ରହି ମୁନିମାନଙ୍କୁ ତତ୍ତ୍ୱ ଉପଦେଶ ଦେଇ ପରମହଂସ ଉପାଧି ପାଇଥିଲେ । ହୟଗ୍ରୀବ ରୂପେ ଅବତରି ମୋର ଯଜ୍ଞସ୍ଥଳରେ ନାସାପୁଡାରେ ବେଦପାଠ କରି ତିନିବେଦକୁ ସୃଷ୍ଟି କରିଥିଲେ । ମତ୍ସ୍ୟ ରୂପରେ ହୃତ ବେଦକୁ ଉଦ୍ଧାର କରିବା ସହ କ୍ଷୀର ସମୁଦ୍ର ମନ୍ଥନବେଳେ କୂର୍ମାବତାର ହୋଇ ମନ୍ଦର ପର୍ବତକୁ ତୋଳି ଧରିଥିଲେ । ନୃସିଂହ ହୋଇ ହିରଣ୍ୟକଶ୍ୟପ ବିଦାରଣ କରି ପ୍ରହଲ୍ଲାଦକୁ ରକ୍ଷା କରିଥିଲେ ତ ଚକ୍ରପେଶି ନକ୍ରନାଶି ଗଜ ଉଦ୍ଧାରଣ କରିଥିଲେ । ବଳୀ ମଥାରେ ଶ୍ରୀଚରଣ ଥାପି ଇନ୍ଦ୍ରଠାରୁ ବଡ ଆସନ ପ୍ରଦାନ କଲେ । ସେହି ନାରାୟଣଙ୍କଠାରେ ତୁମର ଅଚଳ ଭକ୍ତି ରହୁ ଓ ସେ ନିଜେ ତୁମକୁ ଭକ୍ତି ଯୋଗ ଓ ଭାଗବତ ଜ୍ଞାନୋପଦେଶ ପ୍ରଦାନ କରିଛନ୍ତି । ଯୁଗେ ଯୁଗେ ଦୁଷ୍ଟଦଳନ ଓ ସନ୍ଥପାଳକ ହରି ଧନ୍ୱନ୍ତରୀ ରୂପରେ ଜଗତରେ ଆୟୁର୍ବେଦ ପ୍ରବର୍ତ୍ତନ କରିଛନ୍ତି । ପର୍ଶୁରାମ ରୂପରେ କ୍ଷତ୍ରିୟ ଦଳନ, ଶ୍ରୀରାମ ରୂପରେ ସତ୍ୟପାଳନ ସହ ଦୈତ୍ୟ ବିନାଶ କରିଛନ୍ତି । ପୃଥିବୀର ଭାରା ନିବାରଣ ନିମିତ୍ତ ଶୁକ୍ଳ ଓ କୃଷ୍ଣ ଶରୀର ଧାରଣ ପୂର୍ବକ ବହୁ ଅଲୌକିକ କର୍ମ କରିଛନ୍ତି । ଶ୍ରୀକୃଷ୍ଣ ରୂପରେ ତାଙ୍କ ଜନ୍ମରୁ ଅଲୌକିକ କର୍ମମାନ କରିଛନ୍ତି । ପୁତନାର ପ୍ରାଣ ହରଣ, କାଳୀୟ ଦଳନ, ଦାବାନଳରୁ ଉଦ୍ଧାର, ଜାମଳାର୍ଜୁନ ମୋକ୍ଷଣ, ମୁଖ ମଧ୍ୟରେ ବିଶ୍ୱବ୍ରହ୍ମାଣ୍ଡ ଦର୍ଶନ, ନନ୍ଦରାଜାଙ୍କୁ ବରୁଣ ହାତରୁ ଉଦ୍ଧାର, ଅସଂଖ୍ୟ ଅସୁର ନିଧନ, ଗୋବର୍ଦ୍ଧନ ଧାରଣ, ଶଙ୍ଖଚୂଡ ବଧ, ଅଷ୍ଟମଲ୍ଲ ସହ କଂସ ନିଧନ, ରୁକ୍ମଣୀ ସ୍ୱୟମ୍ବରରେ ରାଜାଙ୍କର ଦର୍ପଗଞ୍ଜନ, ଅର୍ଜୁନଙ୍କ ରଥର ସାରଥୀ ରୂପେ ମୃତ ଯୋଦ୍ଧାମାନଙ୍କୁ ଅନ୍ତିମକାଳରେ ଦର୍ଶନ ଦେଇ ଉଦ୍ଧାରଣ ଭଗବାନଙ୍କ ଲୀଳାର ଏକ ଏକ ଅଂଶ । ପୁଣି ବେଦବ୍ୟାସ ରୂପରେ ବେଦର ବିଭାଗୀକରଣ ତଥା ବୋଧଗମ୍ୟ, ବୁଦ୍ଧ ଭାବରେ ଜଗତର ଦୁଃଖ ହରଣ କରିଛନ୍ତି । କଳିଯୁଗ ଶେଷରେ ମନୁଷ୍ୟମାନେ ନାସ୍ତିକ ହେବେ, ଶୂଦ୍ର ସିଂହାସନ ଆରୋହଣ କରି ପରପୀଡନ ବେଳେ କଳକୀ ରୂପେ ଶାସନ ଦଣ୍ଡ ଧରି ଧର୍ମକୁ ପୁନଃ ସଂସ୍ଥାପନ କରିବେ । ଯାହାଙ୍କର ମହିମା ଅନନ୍ତଦେବ ସହସ୍ରମୁଖରେ ବର୍ଣ୍ଣନା କରିବାକୁ ଅସମର୍ଥ ମୁଁ କେବଳ ସଂକ୍ଷେପରେ କିଛି ବର୍ଣ୍ଣନା କଲି । ପ୍ରଭୁଙ୍କର କୃପା ବିନା କେହି ତାଙ୍କୁ ଜାଣିବା ସମ୍ଭବ ନୁହେଁ । ଭଗବାନ ସର୍ବଘଟାଶ୍ରୟୀ, ସଦା-ପ୍ରସନ୍ନ, ନିତ୍ୟ ଓ ଆନନ୍ଦମୟ । ତାଙ୍କର ରୂପ କଳ୍ପନାତୀତ । ଆଲୋକ ତାଙ୍କୁ ଦେଖାଇପାରେ ନାହିଁ କି ଶବ୍ଦ ତାଙ୍କୁ ବର୍ଣ୍ଣନା କରିପାରେ ନାହିଁ । ସେ ନିଜେ ହିଁ ଭକ୍ତ ହୃଦୟରେ ଆବିର୍ଭୂତ ହୁଅନ୍ତି । ହେ ନାରଦ! ଏହି ପବିତ୍ର ଭାଗବତ, ଭଗବାନଙ୍କର ବିଭୂତିର ସଂକଳନ ମାତ୍ର । ତୁମ୍ଭେ ତାହା ବିଶଦ ରୂପେ ବର୍ଣ୍ଣନା କର ଯେପରି ଭଗବାନଙ୍କ ପାଇଁ ଶ୍ରୋତାର ହୃଦୟରେ ପ୍ରଗାଢ ଭକ୍ତି ଜାତହେବ ଫଳରେ ସେ ମାୟା, ମୋହ, ଶୋକ, ସନ୍ତାପ ନାଶ କରି ପରମଗତିକୁ ପ୍ରାପ୍ତ ହେବ ।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ମର୍ଣ୍ଣିଂ ୱାକ୍ ପରେ କିପରି ପାଣି ପିଇବେ; ଥଣ୍ଡା ନା ଗରମ: ଜାଣି ରଖନ୍ତୁ ଫାଇଦା



ନିଜକୁ ଫିଟ୍ ଓ ଫାଇନ୍ ରଖିବାକୁ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଥମ ପସନ୍ଦ ପାଲଟିଛି ମର୍ଣ୍ଣିଂ ୱାକ୍? । ବହୁ ରୋଗ ପାଇଁ ଏହା ଅବ୍ୟର୍ଥ ଔଷଧ । ମର୍ଣ୍ଣିଂ ୱାକ୍ କରିବା ଦ୍ୱାରା ଶରୀରର ମେଟାବୋଲିଜିମ୍‌ର ଗତି ପ୍ରଖର ହୋଇଥାଏ। ଏଥିସହ ରକ୍ତ ପ୍ରବାହ ସୁରୁଖୁରରେ ହେବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବହୁ ସମସ୍ୟାରୁ ମୁକ୍ତି ମିଳିଥାଏ। କିନ୍ତୁ ଶୀତ ଦିନେ ମର୍ଣ୍ଣିଂ ୱାକ୍ ପରେ ହାଲିଆ ହୋଇ ଯାଇଥିବା ବ୍ୟକ୍ତି କେଉଁ ପାଣି ପିଇବା ଉଚିତ ତାକୁ ନେଇ ଆରମ୍ଭ ହୋଇଛି ଆଲୋଚନା। ମର୍ଣ୍ଣିଂ ୱାକ୍ ପରେ ଥଣ୍ଡା ନା ଗରମ କିପରି ପାଣି ପିଇବା ଶରୀର ପାଇଁ ହିତକାରକ ତାକୁ ନେଇ ଚାଲିଛି ଚର୍ଚ୍ଚା।

ମର୍ଣ୍ଣିଂ ୱାକ୍ ପରେ ଶରୀରରେ ରକ୍ତଚାପ ବଢ଼ି ଯାଇଥାଏ। ତେଣୁ ଏପରି କ୍ଷେତ୍ରରେ ଥଣ୍ଡା ପାଣି ପିଇବା ଶରୀର ପାଇଁ ଲାଭଦାୟକ । କିନ୍ତୁ ଶୀତ ଦିନରେ ଥଣ୍ଡା, କାଶ, ଜ୍ୱର ଆଦି ସାଧାରଣ ବେମାର। ଏପରି କ୍ଷେତ୍ରରେ ପ୍ରାତଃ ଭ୍ରମଣ ପରେ ଥଣ୍ଡା ପାଣି ପିଇବା ଶରୀର ପାଇଁ ହାନିକାରକ ସାବ୍ୟସ୍ତ ହୋଇପାରେ। ଏଥିସହ ଥଣ୍ଡା ପାଣି ପିଇବା ଦ୍ୱାରା ଧମନୀରେ ରକ୍ତ ପ୍ରବାହ ପ୍ରଭାବିତ ହୋଇପାରେ। ଏହାଦ୍ୱାରା ହାର୍ଟର କାର୍ଯ୍ୟ ଦକ୍ଷତା ବି ପ୍ରଭାବିତ ହୋଇଥାଏ। ତେଣୁ ଏପରି ସ୍ଥିତିରେ ଆପଣଙ୍କୁ ୱାକ୍ ପରେ ସମ୍ପୂର୍ଣ୍ଣ ଥଣ୍ଡା କିମ୍ବା ଗରମ ପାଣି ପିଇବାରୁ ବଞ୍ଚିବା ଉଚିତ । ଏପରି ସ୍ଥିତିରେ ଆପଣ ସାମାନ୍ୟ ତାପମାତ୍ରାରେ ଥିବା ପାଣି ସେବନ କରନ୍ତୁ। ନଚେତ ଥଣ୍ଡା ଦିନେ ୱାକ୍ ପରେ ହାଲକା ଉଷୁମ ପାଣି ସେବନ କରନ୍ତୁ। ଏହା ଶରୀର ପାଇଁ ଲାଭଦାୟକ । ୱାକ୍ ପରେ ହାଲକା ଉଷୁମ ପାଣି ପିଇବା ଦ୍ୱାରା ଏହା ସମଗ୍ର ଶରୀରରେ ରକ୍ତ ପ୍ରବାହକୁ ଅଧିକ କାର୍ଯ୍ୟକ୍ଷମ କରିଥାଏ । ଏଥିସହ ରକ୍ତ ଚାପକୁ ବାଲାନ୍ସ କରିଥାଏ। ଏଥିସହ ହାଲକା ଉଷୁମ ପାଣି ପିଇବା ଦ୍ୱାରା ହାର୍ଟ ମଧ୍ୟ ଭଲ ଭାବେ କାର୍ଯ୍ୟକ୍ଷମ କରିପାରିଥାଏ।

ପେଟ ପାଇଁ ବି ଉଷୁମ ପାଣି ଖୁବ୍ ଲାଭଦାୟକ। ଏହା ପେଟର ମେଟାବୋଲିଜିମ୍ ରେଟ୍‌କୁ ବଢ଼ାଇବା ସହ ଫ୍ୟାଟ୍ କମାଇବାରେ ସହାୟକ ହୋଇଥାଏ । ଏଥିସହ ଉଷୁମ ପାଣି ସେବନ ପାଚନ ତନ୍ତ୍ରକୁ ଠିକ୍ କରିଥାଏ । ଫଳରେ ବହୁ ପେଟ ବେମାର, ମେଟାବୋଲିଜିମ, ଫ୍ୟାଟ୍ ସମସ୍ୟାରୁ ମୁକ୍ତି ମିଳିଥାଏ।

# ମହିଳାଙ୍କ ଶରୀରରେ ପ୍ରୋଟିନ୍ ଅଭାବରୁ ଦେଖାଦିଏ ଏହି ସବୁ ଲକ୍ଷଣ

**ମହିଳାମାନେ ସାଧାରଣତଃ ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦେଇପାରନ୍ତି ନାହିଁ। ଅଫିସ୍, ଘର କାମ, ପିଲାମାନଙ୍କ ଖାଇବା-ପଢିବା ଆଦି କଥା ବୁଝୁ ବୁଝୁ ସେମାନେ ନିଜର ଯତ୍ନ ନେବାକୁ ସମୟ ପାଆନ୍ତିନି। ଏହି ସବୁ ଅବହେଳା ଧିରେ ଧିରେ ଶାରୀରିକ ସମସ୍ୟା ସୃଷ୍ଟିକରେ। ପ୍ରଥମେ ପ୍ରୋଟିନ୍ ଓ ଭିଟାମିନର ଅଭାବ ହୁଏ, ଆଉ ପରେ ରୋଗ ସମସ୍ୟା ଦେଖାଦିଏ। ତେବେ ପ୍ରୋଟିନ ଅଭାବ କାରଣରୁ ମହିଳାଙ୍କ କ୍ଷେତ୍ରରେ କି କି ଲକ୍ଷଣ ଦେଖାଦିଏ, ଜାଣନ୍ତୁ ଏହି ଆଲେଖ୍ୟରୁ...**



*କ୍ଳାନ୍ତ*

ଶରୀରରେ ପ୍ରୋଟିନ ଅଭାବ ହେଲେ, ପ୍ରଥମେ କ୍ଲାନ୍ତ ବା ଦୁର୍ବଳ ଲାଗେ। ମାଂସପେଶୀ ଏବଂ ଟିସୁ ପାଇଁ ପ୍ରୋଟିନ୍ ନିହାତି ଗୁରୁତ୍ୱପୂର୍ଣ୍ଣ। ପ୍ରୋଟିନର ଅଭାବ କାରଣରୁ ମାଂସପେଶୀ ଦୁର୍ବଳ ହୋଇଯାଏ, ଫଳରେ କ୍ଲାନ୍ତ ଲାଗିଥାଏ। ବେଳେବେଳେ ଏଥିପାଇଁ ମୁଣ୍ଡବିନ୍ଧା ସହ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ମଧ୍ୟ ଅନୁଭବ ହୁଏ।

*ଓଜନ ହ୍ରାସ*

ଓଜନ ହ୍ରାସ ଶରୀରରେ ସମ୍ଭାବ୍ୟ ପ୍ରୋଟିନ୍ ଅଭାବର ସଙ୍କେତ ହୋଇପାରେ। ମାଂସପେଶୀ ଏବଂ ଟିସୁ ଗଠନ ପାଇଁ ଆମ ଶରୀରରେ ପ୍ରୋଟିନ୍ ଆବଶ୍ୟକ। ତେଣୁ, ପ୍ରୋଟିନର ଅଭାବ ଫଳରେ ଶରୀରରେ ମାଂସପେଶୀ ନଷ୍ଟ ହୋଇଯାଏ, ଯଦ୍ୱାରା ଶୀଘ୍ର ଓଜନ ହ୍ରାସପାଏ।

*ଭୋକ ନଷ୍ଟ*

ଯେତେବେଳେ ଆମ ଶରୀରରେ ପ୍ରୋଟିନର ପରିମାଣ କମିଯାଏ, ଆମର ହଜମ ପ୍ରକ୍ରିୟା ଠିକ୍ ଭାବରେ କାମ କରେ ନାହିଁ। ହଜମ ନହେଲେ ଖାଇବାକୁ ଇଚ୍ଛା ହୋଇନଥାଏ। ତେଣୁ ଭୋକ ନଷ୍ଟ ଅଧିକାଂଶ ସମୟରେ ପ୍ରୋଟିନ୍ ଅଭାବର ସଙ୍କେତ ହୋଇପାରେ।

କେଶ ଏବଂ ନଖ ଭାଙ୍ଗିବା

ବାସ୍ତବରେ ପ୍ରୋଟିନ୍ ଆମ କେଶ, ଚର୍ମ ଏବଂ ନଖକୁ ମଜବୁତ କରେ। ଏହାର ଅଭାବ ହେଲେ ନଖ ଦୁର୍ବଳ ହୋଇଯାଏ ଏବଂ ଭାଙ୍ଗିବା ଆରମ୍ଭ କରେ। ଏଥିସହ ଅତ୍ୟଧିକ କେଶ ଝଡିବା ସହ ପତଳା ହୋଇଯାଏ।

# ଘରେ ପ୍ରସ୍ତୁତ କରନ୍ତୁ ଶେଜୱାନ୍ ଚିଙ୍ଗୁଡ଼ି



**ଆବଶ୍ୟକ ସାମଗ୍ରୀ:**

ଚିଙ୍ଗୁଡ଼ି, ଅଦା,ରସୁଣ ପେଷ୍ଟ, ସୋୟା ସସ୍, କର୍ଣ୍ଣଫ୍ଲୋର, ଅଣ୍ଡା, ରିଫାଇନ ତେଲ, ଟମାଟୋ ସସ୍, ଶେଜୱାନ୍ ସସ୍, ସୋୟା ସସ୍, ଭିନେଗାର, ଗୋଲମରିଚ ଓ ସ୍ୱାଦନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଚିଙ୍ଗୁଡିରୁ ଚୋପା ଛଡ଼ାଇ ତାକୁ ଧୋଇ ଏକ ପାତ୍ରରେ ରଖିଦିଅନ୍ତୁ। ତା'ପରେ ଚିଙ୍ଗୁଡ଼ିରେ ଅଦା ରସୁଣ ପେଷ୍ଟ, କର୍ଣ୍ଣଫ୍ଲୋର,ଅଣ୍ଡା ଲୁଣ, ଗୋଲମରିଚ ଗୁଣ୍ଡ, ସୋୟା ସସ୍, ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ଏହି ମିଶ୍ରଣକୁ ଅଧଘଣ୍ଟା ଯାଏ ମାରିନେଟ୍ କରିବା ପାଇଁ ରଖି ଦିଅନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଏଥିରେ ମାରିନେଟ୍ ହୋଇ ରହିଥିବା ଚିଙ୍ଗୁଡ଼ିକୁ ପକାଇ ଛାଣନ୍ତୁ। ଚିଙ୍ଗୁଡ଼ିକୁ ଛାଣି ଏକ ପାତ୍ରରେ ରଖନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ କଟା ପିଆଜକୁ ପକାଇ ଭାଜନ୍ତୁ। ପରେ କଟା ରସୁଣ, କଟା ଅଦା ଓ କଞ୍ଚା ଲଙ୍କା ପକାଇ କିଛି ସମୟ ଭାଜନ୍ତୁ। ଏହାପରେ ସେଥିରେ ଶେଜୱାନ ସସ୍, ସୋୟା ସସ୍, ଭିନେଗାର,ସ୍ୱାଦନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ପରେ ଏଥିରେ ଅଳ୍ପ କର୍ଣ୍ଣଫ୍ଲୋର ଓ ପାଣି ମିଶାଇ ଫୁଟାନ୍ତୁ।

ଏହାପରେ ଆଗରୁ ଛଣା ହୋଇଥିବା ଚିଙ୍ଗୁଡ଼ିକୁ ଏଥିରେ ପକାଇ ଗୋଳାଇ ଦିଅନ୍ତୁ। ଧିମା ଆଞ୍ଚରେ କିଛି ସମୟ ପାଇଁ ବସାଇ ଦିଅନ୍ତୁ। ଚିଙ୍ଗୁଡିରୁପାଣି ଟିକେ ମରି ଯିବା ପରେ ଗ୍ୟାସ ଚୁଲାକୁ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଶେଜୱାନ୍ ଚିଙ୍ଗୁଡ଼ି। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚତୁର୍ଥ ପର୍ଯ୍ୟାୟ: ମଝି ନଈରେ ନିର୍ବାଚନ...

ଅଷ୍ଟାଦଶ ଲୋକସଭା ଏବଂ ଓଡ଼ିଶା ସମେତ ଆଉ କେତୋଟି ରାଜ୍ୟର ବିଧାନସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇ ଯାଇଛି ସୋମବାର ଦିନ। ଏହି ପର୍ଯ୍ୟାୟରେ ମୋଟ ୧୦ ଗୋଟି ରାଜ୍ୟର ୯୬ଟି ଲୋକସଭା ଆସନ ପାଇଁ ଭୋଟରମାନେ ସେମାନଙ୍କର ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିବା ବେଳେ ଆନ୍ଧ୍ରପ୍ରଦେଶ ବିଧାନସଭାର ମୋଟ ୧୭୫ଟି ଯାକ ଆସନ ଏବଂ ଓଡ଼ିଶା ବିଧାନସଭାର ୧୪୭ ଆସନ ମଧ୍ୟରୁ ୨୮ଟି ଆସନ ପାଇଁ ସେମାନଙ୍କର ମତଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଲୋକସଭାର ମୋଟ ୫୪୩ ଆସନ ମଧ୍ୟରୁ ୩୭୯ ନିର୍ବାଚନ ମଣ୍ଡଳୀରେ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସାରିଛି, ଯାହା ମଧ୍ୟରେ ଆନ୍ଧ୍ରପ୍ରଦେଶର ସମସ୍ତ ୨୫ଟିଯାକ ଏବଂ ତେଲେଙ୍ଗାନାର ସମସ୍ତ ୧୭ଟିଯାକ ଲୋକସଭା ଆସନ ଅନ୍ତର୍ଭୁକ୍ତ। ଏସବୁ ଦୃଷ୍ଟିରୁ ତେଣୁ ଚତୁର୍ଥ ପର୍ଯ୍ୟାୟର ମତଦାନ ନିର୍ବାଚନର ସମସ୍ତ ପର୍ଯ୍ୟାୟ ମଧ୍ୟରେ ଦ୍ୱିତୀୟ ସର୍ବବୃହତ୍ ପର୍ଯ୍ୟାୟ । ଏହି ପର୍ଯ୍ୟାୟର ମୁଖ୍ୟଶ ଭିତରେ ରହିଛି- ଆନ୍ଧ୍ରପ୍ରଦେଶ ଏକ ନୂଆ ସରକାରଙ୍କୁ ବାଛିବାକୁ ଯାଉଥିବା ବେଳେ କେନ୍ଦ୍ରରେ ପରବର୍ତ୍ତୀ ସରକାର ଗଠନ କ୍ଷେତ୍ରରେ ଏକ ବଡ଼ ଭୂମିକା ନିର୍ବାହ କରିବାକୁ ଯାଉଥିବା ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ମହାରାଷ୍ଟ୍ର ପ୍ରତ୍ୟକ୍ଷ କରିଛି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ସଂଗ୍ରାମକୁ । ଅପର ପକ୍ଷରେ, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ଆଞ୍ଚଳିକ ଦଳମାନଙ୍କ ସହିତ ବିଜେପିର କେବେ ଗରମ କେବେ ନରମ ଶତ୍ରୁତା ରହିଛି । ଓଡ଼ିଶାରେ ଖୋଦ୍ ପ୍ରଧାନମନ୍ତ୍ରୀ ଆସି ପ୍ରଚାର କାର୍ଯ୍ୟ କରି ଯାଇଥିବା ବେଳେ ବିଜେପି ଏଥର ଆଞ୍ଚଳିକ ଦଳ ବିଜେଡିକୁ ପଛ ବେଞ୍ଚକୁ ଠେଲିବାକୁ ଆପ୍ରାଣ ଉଦ୍ୟମ ଚଳାଇଛି । ତେବେ ଚତୁର୍ଥ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହୋଇଥିବା ମୋଟ ୯୬ ଆସନ ମଧ୍ୟରୁ ୨୦୧୯ରେ ୪୨ଟି ହାସଲ କରିଥିବା ବେଳେ ୱାଇଏସ୍ଆର୍ କଂଗ୍ରେସ ଦଳ ଆନ୍ଧ୍ରପ୍ରଦେଶରେ ୨୨ଟି ଏବଂ ତେଲେଙ୍ଗାନାରେ ବିଆରଏସ୍ ୯ଟି ହାସଲ କରିଥିଲା । କଂଗ୍ରେସ ପାଇଥିଲା ୬ଟି । ୨୦୧୯ ନିର୍ବାଚନ ତୁଳନାରେ ଚଳିତ ଥର ତେଲେଙ୍ଗାନାରେ ବିଆରଏସ୍ ତା'ର ଭାବମୂର୍ତ୍ତିକୁ ଅନେକାଂଶରେ ହରାଇଛି। ପ୍ରଥମେ ଏହା ବିଧାନସଭା ନିର୍ବାଚନରେ ପରାଜୟ ବରଣ କରିଥିବା ବେଳେ ଲୋକସଭା ନିର୍ବାଚନ ବେଳକୁ ଦଳର କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ କଂଗ୍ରେସ ଏବଂ ବିଜେପି ସହିତ ତ୍ରିମୁଖୀ ପ୍ରତିଦ୍ୱନ୍ଦିତାରେ ଏହା ପାଇଁ କଷ୍ଟକର ସାବ୍ୟସ୍ତ ହୋଇଥିବା ମନେହୁଏ। ତାମିଲନାଡୁ ଭଳି ଆନ୍ଧ୍ରପ୍ରଦେଶ ଦୁଇ ଭାଗରେ ବିଭକ୍ତ ହେବା ପରଠାରୁ ଏହା ଆଞ୍ଚଳିକ ଦଳମାନଙ୍କ କବ୍ଜାରେ ରହି ଆସିଛି । କେନ୍ଦ୍ରୀୟ ଏବଂ ଉତ୍ତର ମହାରାଷ୍ଟ୍ରରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୧୧ଟି ଲୋକସଭା ଆସନର ଭାଗ୍ୟ ନିର୍ଦ୍ଧାରଣ ହୋଇଛି। ୨୦୧୯ରେ ଏହି ଅଞ୍ଚଳରେ ଏନ୍‌ଡିଏର ଆଧିପତ୍ୟ ରହିଥିଲା। କିନ୍ତୁ ଚଳିତ ଥର ପରିସ୍ଥିତିରେ ପରିବର୍ତ୍ତନ ଘଟି ସାରିଛି, କାରଣ ଶିବସେନା ଏବେ ଦୁଇ ଭାଗରେ ବିଭକ୍ତ ଏବଂ ଏସିପି ମଧ୍ୟ ନିର୍ବାଚନ ସମରରେ କଡ଼ା ଟକ୍କର ଦେଉଛି ଏହାକୁ । ପୁଣି ତା' ସାଙ୍ଗକୁ ରହିଛି ମହାରାଷ୍ଟ୍ରରେ ଦୀର୍ଘ ଦିନ ଧରି ଚାଲି ଆସିଥିବା ମରାଠାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଦାବି। ଉତ୍ତରପ୍ରଦେଶରେ ଗତ ଦୁଇଗୋଟିଯାକ ଲୋକସଭା ନିର୍ବାଚନରେ ବିଜେପି ଅପ୍ରତିଦ୍ୱନ୍ଦୀ ମନେ ହୋଇଛି। ସୋମବାର ଅନୁଷ୍ଠିତ ହୋଇଥିବା ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟର ଯେଉଁ ୧୩ଟି ଲୋକସଭା ଆସନରେ ମତଦାନ ହୋଇଛି, ସେ ସବୁଯାକ ଆସନକୁ ଗତ ଥର ବିଜେପି ପୋଛି ନେଇଥିଲା । ଏଥର ସେ ସେଠାରେ ବିଜେପି ଏବଂ ଟିଏମ୍‌ସି ସହିତ ତ୍ରିକୋଣୀୟ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ। ଚତୁର୍ଥ ପର୍ଯ୍ୟାୟରେ ଏହି ରାଜ୍ୟର ମୋଟ ଆଠ ଗୋଟି ଆସନ ପାଇଁ ମତଦାନ ହୋଇଛି । ଇତ୍ୟବସରରେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାଡ୍ ମତଦାନ ତଥ୍ୟ ପ୍ରକାଶ କରିବାରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ବିଳମ୍ବକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ପୁନଶ୍ଚ, ସେ ମଧ୍ୟ ପ୍ରଧାନମନ୍ତ୍ରୀ ଏବଂ ବିଜେପି ଦ୍ୱାରା ପ୍ରଦାନ କରାଯାଉଥିବା 'ସାମ୍ପ୍ରଦାୟିକ ଏବଂ ଜାତିଆଣ' ବିବୃତିଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କରୁ ନଥିବାକୁ ନେଇ ଇସିଆଇକୁ ଆକ୍ଷେପ କରିଛନ୍ତି। ଉଭୟ ବିଜେପି ଏବଂ କଂଗ୍ରେସ ଧର୍ମ ଏବଂ ଜାତିଗତ ପରିଚୟ ଆଧାରିତ ପ୍ରଶ୍ନଗୁଡ଼ିକୁ ଆୟୁଧ କରି ଭୋଟରମାନଙ୍କୁ ନିଜ ନିଜ ଆଡ଼କୁ ଆକୃଷ୍ଟ କରିବା ବଜାୟ ରଖିଛନ୍ତି । ଧ୍ରୁବୀକରଣ ରାଜନୀତିର ଏକ ନିଛକ ନମୁନା ଦେଖିବାକୁ ମିଳୁଛି ଚଳିତ ଥରର ନିର୍ବାଚନରେ। କଂଗ୍ରେସ ମୁସଲମାନମାନଙ୍କୁ ସମର୍ଥନ କରୁଥିବା ନେଇ ବିଜେପି ଅଭିଯୋଗ କରି ଚାଲିଥିବା ବେଳେ କଂଗ୍ରେସ ନିଜ ପାଇଁ ଏକ ବିପଦକୁ ଆମନ୍ତ୍ରଣ କରି ଆଣିଛି, ଯେତେବେଳେ ଏହାର ଜଣେ ବିଦେଶ ବାସିନ୍ଦା ପରାମର୍ଶଦାତା ଭାରତର ବିବିଧତା ଉପରେ ବର୍ଣ୍ଣବୈଷମ୍ୟବାଦୀ ଶବ୍ଦଗୁଡ଼ିକ ପ୍ରୟୋଗ କରିଛନ୍ତି । ଏସବୁ ଭିତରେ ନିର୍ବାଚନୀ ପରିବେଶକୁ ଅଧିକ ସରଗରମ କରି ତୋଳିଛି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସୁପ୍ରିମ୍‌କୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିବା । ଜେଲ୍‌ରୁ ବାହାରକୁ ଆସିବା ପରେ ସେ ଆଦୌ କାଳ ବିଳମ୍ବ ନ କରି ବିଜେପିକୁ ଆକ୍ରମଣ କରିବା ଆରମ୍ଭ କରି ଦେଇଛନ୍ତି। ଏହି କ୍ରମରେ ଆସନ୍ତା ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୫ ବର୍ଷ ବୟସ ଅତିକ୍ରାନ୍ତ କରିବାକୁ ଯାଉଥିବାରୁ ତା'ପରେ ସେ ପ୍ରଧାନମନ୍ତ୍ରୀ ରହିବେ କି ନାହିଁ, ସେ ସମ୍ପର୍କରେ କହିବାକୁ ବିଜେପିକୁ ଆହ୍ୱାନ ଦେଇଛନ୍ତି। ସଙ୍ଗେ ସଙ୍ଗେ ଶ୍ରୀଯୁକ୍ତ କେଜ୍ରିୱାଲ ରାଷ୍ଟ୍ରବ୍ୟାପି ଜନକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକର ଗ୍ୟାରେଣ୍ଟି ପ୍ରଦାନ କରି ୨୦୨୪ ନିର୍ବାଚନଠାରୁ ଆହୁରି ଅଧିକ ଦୂରକୁ ଯିବା ଭଳି କେନ୍ଦ୍ରୀୟ ସ୍ଥିତିରେ ନିଜକୁ ଅବସ୍ଥାପିତ କରି ପାରିଛନ୍ତି, ଯାହା ବିରୋଧୀମାନଙ୍କ ପାଇଁ ନିର୍ବାଚନୀ ବୈତରଣୀର ମଝି ନଈରେ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏସବୁ ଭିତରେ ଲୋକସଭା ନିର୍ବାଚନ ଭୋଟରମାନଙ୍କୁ କେଉଁ ଆଡ଼କୁ ନେଉଛି, ତାହା ଜଣା ପଡ଼ିବ କେବଳ ଫଳାଫଳ ପ୍ରକାଶ ପରେ।

## ଭାରତୀୟ ସଂସ୍କୃତିରେ ମା'ସୀତାଙ୍କ ସ୍ଥାନ



### ସୌର ଚନ୍ଦ୍ର ମହାପାତ୍ର



ବୈଶାଖ ମାସ ଶୁକ୍ଳପକ୍ଷ ନବମୀକୁ ସୀତା ନବମୀ କୁହାଯାଇଥାଏ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ମାତା ସୀତା ପ୍ରକଟ ହୋଇଥିଲେ। ଏହି ପର୍ବକୁ ଜାନକୀ ନବମୀ ମଧ କୁହାଯାଇଥାଏ। ଶାସ୍ତ୍ରାନୁଯାୟୀ ବୈଶାଖ ମାସ ଶୁକ୍ଳପକ୍ଷ ନବମୀ ଦିନ ପୁଷ୍ୟ ନକ୍ଷତ୍ରରେ ରାଜା ଜନକ ସନ୍ତାନ ପ୍ରାପ୍ତି କାମନା କରି ଯଜ୍ଞଭୂମି ପ୍ରସ୍ତୁତ କରୁଥିଲେ। ଭୂମିରେ ହଳ ଚଳାଇବା ସମୟରେ ଭୂତଳରୁ ଏକ ବାଳିକା ପ୍ରକଟ ହେଲେ। ଜୋଚା ଯାଇଥିବା ହଳଲଙ୍ଗଳରେ ଲାଗିଥିବା ଲୁହାର ମୁନିଆ ଅଂଶକୁ ସୀତା କୁହାଯାଇଥାଏ। ସେଥିପାଇଁ ବାଳିକାଙ୍କ ନାମ ସୀତା ରଖାଗଲା। ଏହି ଦିନ ବୈଷ୍ଣବ ସମ୍ପ୍ରଦାୟର ଭକ୍ତମାନେ ବ୍ରତ ରଖି ମାତା ସୀତାଙ୍କ ପୂଜା କରିଥାନ୍ତି। ଏହି ଦିନ ବ୍ରତ ରଖି ଭଗବାନ ଶ୍ରୀରାମଙ୍କ ସହ ମାତା ସୀତାଙ୍କ ବିଧିବିଧାନ ଅନୁଯାୟୀ ପୂଜା କରୁଥିବା ଭକ୍ତକୁ ଭୂମିଦାନ, ଷୋହଳ ମହାଦାନ ଏବଂ ସମସ୍ତ ତୀର୍ଥ ଦର୍ଶନର ପୂଣ୍ୟ ପ୍ରାପ୍ତି ହୋଇଥାଏ।

ଶ୍ରୀରାମଙ୍କ ଜୀବନସଙ୍ଗିନୀ ମାତା ସୀତାଙ୍କ ବିଷୟରେ ରାମାୟଣରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି। ଦେବୀ ସୀତା ମିଥିଳାର ରାଜା ଜନକଙ୍କ ଜ୍ୟେଷ୍ଠା କନ୍ୟା ଥିଲେ। ତାଙ୍କର ବିବାହ ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀରାମଙ୍କ ସହିତ ହୋଇଥିଲା। କୁହାଯାଏ ଯେ ସ୍ୱୟଂବରରେ ଦେବୀ ସୀତା ଶିବଧନୁ ଭାଙ୍ଗିଥିବା ଶ୍ରୀରାମଙ୍କୁ ବରଣ କରିଥିଲେ। ଜଣେ ଆଦର୍ଶ ନାରୀ ଏବଂ ପତିବ୍ରତା ଧର୍ମ କାରଣରୁ ସେ ଜଗତରେ ସମ୍ମାନ ପାଇଥିଲେ। ତ୍ରେତାଯୁଗରେ ତାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣନା ରହିଛି ଯେ ଥରେ ମିଥିଳାର ରାଜା ଜନକ କ୍ଷେତରେ ହଳ ଚଳାଉଥିଲେ ଏହି ସମୟରେ ତାଙ୍କ ଲଙ୍ଗଳର ମୁନ କେଉଁଠି ଏକ ସ୍ଥାନରେ ଅଟକି ଗଲା। ଲଙ୍ଗଳର ମୁନିଆ ଭାଗକୁ ମୈଥିଳୀ ଭାଷାରେ ସୀତ କୁହାଯାଏ। ଏହି କାରଣରୁ ଜନକ ନିଜର ପୁତ୍ରୀର ନାମ ସୀତା ରଖିଥିଲେ। ରାଜା ଜନକ ଏବଂ ରାଣୀ ସୁନୟନାଙ୍କ ଦ୍ୱାରା ସେ ଲାଳିତ ପାଳିତ ହୋଇଥିଲେ। ଦେବୀ ସୀତା ଭୂଦେବୀଙ୍କ କନ୍ୟା ବୋଲି ମଧ ରାମାୟଣରେ ଉଲ୍ଲେଖ ରହିଛି। ଜନକଙ୍କ କନ୍ୟା ହୋଇଥିବାରୁ ସେ ଜାନକୀ, ଜାନକାତ୍ମଜା ତଥା ଜନକସୁତା ନାମରେ ପରିଚିତା। ମିଥିଳାର ରାଜକୁମାରୀ ହୋଇଥିବାରୁ ତାଙ୍କୁ ମୈଥିଳୀ ମଧ କୁହାଯାଏ। ଦେବୀ ସୀତା ବିଦେହ ନରେଶଙ୍କ କନ୍ୟା ହୋଇଥିବାରୁ ବୈଦେହୀ ନାମରେ ମଧ ପୂଜା ପାଇଥାନ୍ତି। ଭୂମିରୁ ପ୍ରାପ୍ତ ହୋଇଥିବା କାରଣରୁ ସେ ଭୂମିପୁତ୍ରୀ ବା ଭୂସୂତା ନାମରେ ମଧ ପରିଚିତ ଥିଲେ।

ମାତା ସୀତାଙ୍କୁ ଦେବୀଙ୍କ ରୂପରେ ଭାରତରେ ପୂଜା କରାଯାଇଥାଏ। ସେ ମାତା ଲକ୍ଷ୍ମୀଙ୍କ ଅବତାର ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି। ମହାକାବ୍ୟ ରାମାୟଣରେ ପ୍ରଭୁ ଶ୍ରୀରାମଙ୍କୁ ଯେତିକି ଗୁରୁତ୍ୱ ଦିଆଯାଇଛି ମାତା ସୀତାଙ୍କର ମଧ ସେତିକି ଗୁରୁତ୍ୱ ରହିଛି। ରାମାୟଣରେ ପ୍ରାୟତଃ ପ୍ରଭୁ ଶ୍ରୀରାମଙ୍କ ଜୀବନ କାହାଣୀ ଏବଂ କାର୍ଯ୍ୟର ବର୍ଣ୍ଣନା କରାଯାଇଛି। ତେବେ କେତେକ ସ୍ଥାନରେ ଦେବୀ ସୀତାଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଛି। ସୀତା ମାତା ତାଙ୍କର ପତିବ୍ରତ, ଦୃଢ଼ ସଂକଳ୍ପ, ସାହସିକତା, ସମର୍ପଣ, ଉଦାରତା, ଜ୍ଞାନ ପାଇଁ ପରିଚିତ ଥିଲେ। ଜୀବନରେ ଅନେକ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ତାଙ୍କର ମନୋବଳ ଅତ୍ୟନ୍ତ ସୁଦୃଢ଼ ଥିଲା। ରାମାୟଣରେ ମାତା ସୀତାଙ୍କ ବିଷୟରେ ଯେଉଁ କେତେକ ସ୍ଥାନରେ ବର୍ଣ୍ଣନା ରହିଛି ସେଥିରୁ ମାତାଙ୍କର ଜ୍ଞାନ, ବୁଦ୍ଧି ଏବଂ ବିବେକର ପରିଚୟ ମିଳିଥାଏ। ବନବାସ କାଳରେ ଶ୍ରୀରାମ ଅନେକ ଅସୁରମାନଙ୍କର ବିନାଶ କରିଥିବା ମାତା ସୀତା ଦେଖିଲେ। ଶ୍ରୀରାମଙ୍କ ଦ୍ୱାରା କୌଣସି ନିରୀହ ପ୍ରାଣୀ ଯେପରି ମୃତ୍ୟୁବରଣ ନକରେ ସେଥିପାଇଁ ମାତା ଚିନ୍ତା ପ୍ରକଟ କରିଥିଲେ। ଶ୍ରୀରାମ ଏହି ସମୟରେ ତାଙ୍କୁ ବଚନ ଦେଇଥିଲେ ଯେ ଅକାରଣରେ ଏବଂ ବିନା ଆହ୍ୱାନରେ ସେ କେବେହେଲେ କାହାରିକୁ ମାରିବେ ନାହିଁ। ରାବଣ ଯେତେବେଳେ ଭିକ୍ଷୁ ବେଶରେ ମାତା ସୀତାଙ୍କୁ ଅପହରଣ କରିବାକୁ ଆସିଲା, ମାତା ସୀତା ତାର ଏପରି ବେଶ ଦେଖି ଠଉରାଇ ନେଲେ। ସେ ରାବଣକୁ କହିଥିଲେ, ତୁମେ ତ ଭୀକ୍ଷୁକଙ୍କ ଭଳି ଦେଖା ଯାଉନାହିଁ। ଅର୍ଥାତ୍ ମାତାଙ୍କର ରାବଣର ପରିଚୟ ପ୍ରତି ସନ୍ଦେହ ଉତ୍ପନ୍ନ ହୋଇସାରିଥିଲା। ଏହାସତ୍ତ୍ୱେ ସେ ଅବତାର ଧର୍ମର ମର୍ଯ୍ୟାଦା ପାଳନ କରିବାକୁ ଯାଇ ଭିକ୍ଷା ଦେଇଥିଲେ। ତାଙ୍କର ଅପହରଣ ହେବା ସହିତ ରାବଣର ବିନାଶ ଲାଗି ମାର୍ଗପ୍ରଶସ୍ତ ହୋଇଥିଲା। ହନୁମାନ ଯେତେବେଳେ ଅଶୋକ ବାଟିକାରେ ମାତା ସୀତାଙ୍କୁ ଭେଟିଲେ ସେ ସଙ୍ଗେ ସଙ୍ଗେ ରାମ ସୀତାଙ୍କ ମିଳନ ପାଇଁ ଇଚ୍ଛା ବ୍ୟକ୍ତ କଲେ। ମାତ୍ର ସୀତା କହିଲେ, ସେ ଭୀରୁଙ୍କ ଭଳି ଲୁଚିକି ଲଙ୍କାରୁ ଯାଇପାରିବି ନାହିଁ। ଶ୍ରୀରାମ ଯୁଦ୍ଧ କରି ହିଁ ମୋତେ ଏଠାରୁ ନେଇଯିବେ। ଏହା କହି ସେ ହନୁମାନଙ୍କୁ ଫେରିଯିବା ଲାଗି କହିଥିଲେ। ଦେବୀ ସୀତାଙ୍କ ଚରିତ୍ର ବିଷୟରେ ମହାନ ଭାରତୀୟ ସନ୍ଥ ସ୍ୱାମୀ ବିବେକାନନ୍ଦ କହିଛନ୍ତି ଭାରତ ଏବଂ ବିଶ୍ୱର ଯେତେ ଗ୍ରନ୍ଥ ଖୋଜିଲେ ମଧ ହୁଏତ ଶ୍ରୀରାମଙ୍କ ଭଳି ଚରିତ୍ର ମିଳିଯାଇପାରନ୍ତି କିନ୍ତୁ ସୀତାଙ୍କ ଭଳି ଚରିତ୍ର ମିଳିବା ଅସମ୍ଭବ। ସୀତା ଭାରତର ପରିଚୟ, ସେ ଭାରତୀୟଙ୍କ ପାଇଁ ଆଦର୍ଶ। ଚଳିତ ବର୍ଷ ଅଯୋଧ୍ୟାରେ କୋଟି କୋଟି ଭାରତୀୟଙ୍କ ବର୍ଷ ବର୍ଷର ପ୍ରତୀକ୍ଷା ପରେ ରାମଲାଲାଙ୍କ ପ୍ରତିଷ୍ଠା ସହ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ହୋଇଛି। ତେଣୁ ଏହି ଦୃଷ୍ଟିରୁ ଦେଖିବାକୁଗଲେ ଚଳିତ ବର୍ଷର ସୀତା ନବମୀ ଅଧ୍ୟାତ୍ମିକ ଉପଲବ୍ଧି ସ୍ୱତନ୍ତ୍ର। ସନାତନ ସଂସ୍କୃତି ଓ ହିନ୍ଦୁ ପରମ୍ପରାରେ ସୀତା ନବମୀ ଏକ ପବିତ୍ର ଆଧ୍ୟାତ୍ମିକ ଦିବସ। ମା'ସୀତା ଆମ ସମସ୍ତଙ୍କର କଲ୍ୟାଣ କରନ୍ତୁ ଏହା ହିଁ କାମନା।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ

ମୋ : ୯୪୩୭୦୦୪୪୬୬


## ସୀତା ନବମୀ ଓ ସୀତାଙ୍କ ଅଗ୍ନି ପରୀକ୍ଷା

### ଡ଼ଃ. ଅରୁନ୍ଧତୀ ଦେବୀ



ମାତା ସୀତାଙ୍କ ଜନ୍ମ ଦିନ ବୈଶାଖ ଶୁକ୍ଳପକ୍ଷ ନବମୀରେ ପାଳିତ ହୁଏ। ଏହାକୁ ସୀତା ନବମୀ ବା ଜାନକୀ ନବମୀ କୁହାଯାଏ। ଭାରତର କେତେକ ଅଞ୍ଚଳରେ ବିବାହିତା ହିନ୍ଦୁ ମହିଳାମାନେ ଏହି ଦିନରେ ଉପବାସ ପାଳନ କରନ୍ତି, ଯାହାକୁ ସୀତା ନବମୀ ବ୍ରତ କୁହାଯାଏ। ଏହି ଦିନରେ ରାମଚନ୍ଦ୍ର, ଲକ୍ଷ୍ମଣ, ସୀତା, ଜନକ ରାଜା ଓ ମାତା ସୁନୟନାଙ୍କୁ ପୂଜା କରାଯିବା ହିନ୍ଦୁ ପରମ୍ପରା। ଭୂମି କର୍ଷଣରୁ ସୀତା ଜନ୍ମ ହୋଇଥିବାରୁ, ଧରଣୀ ମାତାଙ୍କୁ ମଧ ପୂଜା କରାଯାଏ। ସୁଖକର ବୈବାହିକ ଜୀବନ ପାଇଁ ବିବାହିତ ବିବାହିତାମାନେ ଏହି ନବମୀ ନିଷ୍ଠାର ସହ ପାଳନ କରିବା ପାଇଁ ବିଭିନ୍ନ ଶାସ୍ତ୍ରରେ ଉପଦେଶ ଦିଆଯାଇଛି। ଏହି ଦିନରେ ରାଶି, ଚାଉଳ ଓ ଫଳ ମିଶ୍ରିତ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ କରାଯାଏ।

ହଜାର ହଜାର ବର୍ଷ ତଳର ଏକ ମହାନ ଗ୍ରନ୍ଥ ରାମାୟଣର ଏକ ପର୍ବ। ଦୁଷ୍ଟ ରାବଣକୁ ବଧକରି ରାମ ସୀତାଙ୍କୁ ଲଙ୍କାରୁ ମୁକ୍ତ କରିଦେଇଥିଲେ। ରାମସୀତାଙ୍କୁ ନେଇ ଚଉଦବର୍ଷର ବନବାସରେ ଯାଇଥିଲେ ଏବଂ ଏହି ଚଉଦବର୍ଷରୁ ତେରବର୍ଷ ଦଶମାସ ସେମାନେ ଘଞ୍ଚ ଅରଣ୍ୟରେ ଯାପନ କରିବା ପରେ ଶେଷ ଦୁଇମାସରେ ହିଁ ସୀତାଙ୍କ ହରଣ ହୋଇଥିଲା। ଏହି ଦୁଇ ମାସର ଘଟଣା ସମସ୍ତେ ଅତି ଆଶ୍ଚର୍ଯ୍ୟ ଓ ରୋମାଞ୍ଚକର ମନେ କରି ଶୁଣନ୍ତି। କେମିତି ହନୁମାନ ସମୁଦ୍ର ଉପରେ ଲମ୍ଫ ଦେଇ ଲଙ୍କାକୁ ଗଲେ, ସୁନାର ଲଙ୍କା କେମିତି ଜଳିଲା, ବାଳି ସୁଗ୍ରୀବ ଯୁଦ୍ଧ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଜିତ ବଦ୍ଧ ଇତ୍ୟାଦି ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ଏହା ସମୃଦ୍ଧ ଏହି ସବୁ ମଧ୍ୟରେ ରହିଛି ଅଗ୍ନିପରୀକ୍ଷା।

ଅଗ୍ନି ପରୀକ୍ଷା କାହିଁକି ? : ସୀତାଙ୍କୁ ଲଙ୍କାରୁ ମୁକ୍ତ କରିବାପରେ ଯୁଦ୍ଧର ପରିସମାପ୍ତି ହୋଇଥିଲା ଏବଂ ଲଙ୍କାରେ ବିଭୀଷଣଙ୍କୁ ରାଜପାଠ ଦାନ କରି ରାମ, ଲକ୍ଷ୍ମଣ ଓ ସୀତା ଅଯୋଧ୍ୟା ପ୍ରତ୍ୟାଗମନ କରିବାର ପୂର୍ବରୁ ସୀତାଙ୍କୁ ଅଗ୍ନିପରୀକ୍ଷା ଦେବା ପାଇଁ କୁହାଗଲା। ଏହାର ବୈଜ୍ଞାନିକ କାରଣକୁ ଆମେ ସମର୍ଥନ କରୁ, ଆମ ମତରେ ଯେହେତୁ ସୀତା ଏକ ଅସୁର ରାଜ୍ୟରେ ଥିଲେ ତେଣୁ ସମ୍ଭବତଃ ତାଙ୍କ ଦେହରେ କୌଣସି ପ୍ରକାର ବିଚିତ୍ର ଜୀବାଣୁ, ବୀଜାଣୁ ବା କିଟାଣୁ ପ୍ରବେଶ କରିଥାଇପାରେ ଏବଂ ଆମେ ବିଜ୍ଞାନଗାରରେ ଯେମିତି ନିଆଁରେ ଦେଖାଇ ସବୁ ଜିନିଷକୁ ସଂକ୍ରମଣ ଶୂନ୍ୟ କରିଦେଉ, ହୁଏତ ରାମ ସେଇ ଆଶାରେ ସୀତାଙ୍କୁ ଅଗ୍ନିରେ ପ୍ରବେଶ କରିବା କଥା କହିପାରିଥାନ୍ତି। କିନ୍ତୁ ଅଧିକାଂଶଙ୍କ ମତରେ ସୀତାଙ୍କ ସତୀତ୍ୱର ପରୀକ୍ଷା ପାଇଁ ଅଗ୍ନିରେ ପ୍ରବେଶ କରିବା କୁହାଯାଇଥିଲା। ଯେଉଁ ନାରୀ ନିଜର ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ଦୀର୍ଘ ତେରବର୍ଷ ଦଶମାସ କାଳ ଅରଣ୍ୟରେ ବିତେଇ ପାରିଲା ସେ କାହିଁକି ମାତ୍ର ଦୁଇମାସରେ ଲଙ୍କାର ଭବ୍ୟ ସ୍ୱର୍ଣ୍ଣୀମ ରାଜ୍ୟକୁ ଦେଖିବ ନିଜର ସତୀତ୍ୱକୁ ହରେଇବ ? ଏମିତି ଥିଲେ ସେ ହୁଏତ ଅଯୋଧ୍ୟାରେ ରହିବାକୁ ପସନ୍ଦ କରିଥାନ୍ତେ। ବଣକୁ ଯିବାକୁ ଜିଦ୍ କଦାପି କରିନଥାନ୍ତେ। ସୀତା ନବମୀ ଭାରତୀୟ ସଂସ୍କୃତିରେ ଏକ ମହାନ ଆଧ୍ୟାତ୍ମିକ ସ୍ମରଣୀୟ ଦିବସ।




ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,

ମୋ: ୯୯୩୭୧୭୨୮୧୦


## କି ମାନସିକତା

### ଇଂ ସତ୍ୟନାରାୟଣ ମାଝୀ



ଆମେ ସାଧାରଣତଃ ଯେତେବେଳେ ଜଣେ ଗାଁ ଗହଳିର ଲୋକ ସହିତ କଥା ହେଉଛୁ।

ବିଶେଷ ଭାବରେ ରୋଜଗାର ପ୍ରସଙ୍ଗ ବିଷୟରେ କଥା ବେଶୀ ହେଉଛୁ।କାରଣ ଅଭାବ ଏବଂ ଅସୁବିଧାଟା ସବୁବେଳେ ବାଟ ଛେଙ୍କେ। ସେତେବେଳେ ଲୋକଟି ଉତ୍ତରରେ କୁହେ, ଆଜ୍ଞା ଆମେ ତ ଗରିବ ଲୋକ। ଆମ ଗାଁରେ ତ କୌଣସି ରୋଜଗାରର ଉତ୍ସ ନାହିଁ। ଆମ ଅଂଚଳରେ କାମ କରିବାକୁ କଳକାରଖାନା ଅଛି ନା ଆମ ପାଖରେ ବେପାର ବଣିଜ କରିବା ଲାଗି ପୁଂଜି ଅଛି। ଏହି କାରଣରୁ ଗାଁର ପିଲା ବାହାରକୁ ମୂଲମଜୁରୀ ଲାଗି ଯାଉଛନ୍ତି।

ଏହି ଉତ୍ତରରୁ ବାରି ହେଉଥିବ ଅଂଚଳବାସୀଙ୍କର ରୋଜଗାରକୁ ନେଇ ସୃଜନଶୀଳତା। କାରଣ ଆମ ଗାଁ ଅଂଚଳର ଲୋକ କେବଳ ଗୋଟିଏ କଥା ଜାଣିଛୁ ଖଟିଲେ ଖାଇବା ଓ ଭଲ ପଢିଲେ ଚାକିରି ଖଣ୍ଡେ କରିବା।

ଜଣେ ଆମ ଅଂଚଳର ପ୍ରତିଷ୍ଠିତ ବ୍ୟବସାୟୀ, ତାଙ୍କ ବ୍ୟବସାୟ ପ୍ରତିଷ୍ଠାନକୁ ମୁଁ ଯାଇଥଲା ବେଳେ ଏଇ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସେ ବ୍ୟବସାୟୀଙ୍କ ଦୃଷ୍ଟିଭଙ୍ଗୀ ଥିଲା ମାର୍ଜିତ ଏବଂ ବିକଶିତ ଚିନ୍ତନ। ତତସହିତ ସିଏ ଜଣେ ଅଭିଜ୍ଞତାଶୀଳ ବ୍ୟବସାୟୀ।ବୟସ ପଚାଶ ଛୁଇଁଯାଇଥିଲେ ବି ନିଜକୁତିରିଶ ବର୍ଷର ଯୁବକ ପରି ଶରୀରକୁ ମଜବୁତ ରଖିଛନ୍ତି। ହ ନିଜ ବ୍ୟବସାୟରେ ବ୍ୟସ୍ତ ରହିବା ସହ ବହୁ ସାମାଜିକ କାର୍ଯ୍ୟରେ ବି ସମୟ ଦିଅନ୍ତି। ବହୁତ ସୁନ୍ଦର ଭାବେ ଏଇ ପ୍ରସଙ୍ଗକୁ ମୋ ଆଗରେ ଉପସ୍ଥାପନ କଲେ ଏବଂ ଆଜ୍ଞା ଆମର ମାନସିକତା ହିଁ ରୁଗ୍ଣ। ତେଣୁ କରି ଆମ ଅଂଚଳର ଲୋକ ଗରିବ। ପ୍ରାକୃତିକ ସମ୍ପଦଭରା ଏଇ ସୁନ୍ଦର ବଣ ପାହାଡ, ନଦୀଝରଣା, ଜମିବାଡି ଥାଇ ଆମେ ଯଦି ବାହାର ରାଜ୍ୟକୁ କାମ କରିବାକୁ ଯିବା ତାହେଲେ ଆମଠାରୁ ବୋକା କେହି ନାହାଁନ୍ତି। କାରଣ ସମସ୍ତେ ପାଠ ପଢି ଚାକରି ପାଇପାରିବେ ନାହିଁ। ଗୋଟିଏ କଥା ହେଲା ଆମେ ଆମର ପ୍ରାକୃତିକ ସମ୍ପଦର ସଦବିନିଯୋଗକୁ ଅପଗ୍ରେଡ୍ କରିପାରିଲୁ ନାହିଁ। ଆମେ ସରକାରଙ୍କୁ ଜଗି କର୍ମକୁଡିଆ ହୋଇଗଲୁ। ସରକାର ଏଇଟା ଦେଲାନି ସେଇଟା ଦେଲାନି। ଏଇଟା ଦେଇଥିଲେ ଭଲ ହୋଇଥାଆନ୍ତା, ସେଇଟା ଦେଇଥିଲେ ଭଲ ହୋଇଥାଆନ୍ତା। ଆମେ ଯଦି ନିଜକଥାରେ ସେତିକି ସମୟ ଧ୍ୟାନ ହୁଏତ କିଛି ନୂଆ ହୋଇପାରନ୍ତା। କାରଣ ସରକାର ଗଢୁଛି କିଏ ଆମେ, ସହର ବଜାର ଗଢୁଛି କିଏ ଆମେ। ସବୁରି ମୂଳରେ ଆମେ। ଆମେ ଯଦି ଆମ ଦେଶ ଭାରତ କଥା ଚିନ୍ତା କରିବା ତାର ମୁଖ୍ୟ ମେରୁଦଣ୍ଡ ହେଲା କୃଷି।କୃଷି ପ୍ରଧାନ ଦେଶ ହେଲା ଭାରତ। ଗ୍ରାମାଞ୍ଚଳର କୃଷି ଆଜି ଭାରତର ମେରୁଦଣ୍ଡ ସାଜିଆସଛି ଯେତେବେଳେ ଆମର ଜେଜେବାପା, ବାପା ମଧ କୃଷିରେ ଭରସା କରିଆସିଛନ୍ତି। ତେଣୁ ବର୍ତ୍ତମାନ ଯଦି ଆମେ କହିବା ମାଟିରେ କାଦୁଆ ହେବା କାହିଁକି ଗ୍ରାଜୁଏଟ୍ ହୋଇ ମୁଁ ବିଲରେ କାମ କରିବି କି ? ଏଇ ସବୁ ଭିତରେ ଆମେ ଦାଦନ ଖଟି ବାହାରକୁ ଚାଲିଯାଉଛେ। ଆଉ ବଡ ସହରରେ ଦାଦନ ଖଟି ଲାଗୁଛି ଯେ ହଁ ସହର ବୁଲୁଛି, ହାତ ପାଆନ୍ତାରେ ସବୁ ଆବଶ୍ୟକତା ପୂରଣ ହୋଇଯାଉଛି। କିନ୍ତୁ ସହରର ପରିବେଶ ଓ କାର୍ଯ୍ୟ କରିବାର ସ୍ୱାଧୀନତା ନିଶ୍ଚିତ ଭାବେ କୋଉଠି ନା କୋଉଠି ହଜଯାଇଛି। ଏପଟେ ଆମ ଜମିବାଡି ପଡିଆ ପଡିଛି। ନଦୀ ଝରଣାର ପାଣି ବୋହି ବୋହି ନଷ୍ଟ ହୋଇଯାଉଛି। ଅଥଚ ଆମକୁ ସେଇ କୃଷିର କଥା ମନେ ପଡୁନି।କାରଣ ଆମେ ତ ବଜାରରେ ରହି ପଲିସ୍‌ମରା ଚାଉଳର ସ୍ୱାଦକୁ ଚାଲିଯାଇଛେ। କେମିତି ଅବା ମନେ ପଡିବ। ବାକି ରହିଲା ଆମ ଗାଁ କଥା। ଯୋଉମାନେ ବି ଗାଁରେ ରହିଗଲେ। ପାରମ୍ପାରିକ ବ୍ୟବସ୍ଥା ଉପରେ ବୁଡି ରହିଗଲେ।ଛଅମାସ ଖରିଫ ଋତୁରେ ଟିକେ ନିଜ ଖାଇବା ଏତକ ପାରମ୍ପାରିକ ବ୍ୟବସ୍ଥାରେ ଚାଷ କରିଦେଲେ ସରିଲା।କାରଣ ଗାଁରେ ତ କୌଣସି ନା କୈଣସି କାର୍ଯ୍ୟକ୍ରମ ଚାଲିଛି। ଆଜି ନିର୍ବାଚନ ଆସିଲା, ଆଜି କେଉଁଠି ପାର୍ଟି ମିଟିଂ ହେଲା, କୋଉଠି ଯାତ୍ରା ହେଲା, କାହାର ବାହାଘର ହେଲା କାହାର ଶୁଦ୍ଧିକ୍ରିୟା ହେଲା। ଏମିତି କିଛି ବ୍ୟବସ୍ଥା ମଧ୍ୟରେ ସମୟକୁ ବେଶୀ ବିନିଯୋଗ କରୁଛେ। ମୁଁ କହୁନି ଯେ ଏହି କାର୍ଯ୍ୟ ନ କରିବା କଥା। ସବୁ କାର୍ଯ୍ୟ ପରି ଆମର ପ୍ରାକୃତିକ ସମ୍ପଦ ଉପରେ ଗୁରୁତ୍ୱ ରହିବା ଆବଶ୍ୟକ। କାରଣ ଅନେକ ପରିବର୍ତ୍ତନ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ମଧ ହୋଇଚାଲିଛି। ଆମକୁ ତିଷ୍ଠି ରହିବାକୁ ହେଲେ ଆମର ରୁଗ୍ଣ ମାନସିକତାକୁ ପରିବର୍ତ୍ତନ ନିଶ୍ଚୟ ଆବଶ୍ୟକତା ରହିଛି। ଆମେ ଚାହିଁଲେ ମଧ କରିପାରୁନେ ଏଇଥିଲାଗି ଆମ ନିକଟରେ ସାହାସ କୁଳଉନି। ସୃଜନଶୀଳତାର ଅଭାବ ରହୁଛି। ତେଣୁ ନିଶ୍ଚୟ ଜୀବନର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ହେଲେ ଆମକୁ ଜାଗ୍ରତ କରିବାକୁ ହେବ ମୁଁ କିଏ ଚିହ୍ନିବାକୁ ହେବ, ଆମର ଇତିହାସ ଅସ୍ତିତ୍ୱକୁ ମନେ ପକାଇବୁ ହେବ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ନୂଆ ଦିଗନ୍ତ ସୃଷ୍ଟି କରିବାକୁ ହେଲେ ସୁପ୍ତରୁ ଜାଗ୍ରତ ହେବାକୁ ପଡିବ।ତେବେ ଯାଇକି ସେଇ ଗାଁର ଚିତ୍ର ବଦଳିବ ନ ସେମିତି ରହିଯିବା। ଯେମିତିକି ସମୟ ଅନୁସାରେ ଶରୀରର ରୂପ ମଧ ବଦଳିଯାଏ। ଆମକୁ ମାର୍ଜିତ ହେବାକୁ ପଡିବ, ସାମାଜିକ ଅଭାବକୁ ସାମ୍ନା କରିବାକୁ ପଡିବ। ଆଜି ଅଭାବରୁ ଅପରାଧ, ଅଶିକ୍ଷିତ, ଅନୈତିକ ଓ ଅବହେଳିତର ଚିତ୍ର। ସେଇ ସମୟର ଅନ୍ତ କରିବାକୁ କେବଳ ରୁଗ୍ଣ ମାନସିକତାର ପରିବର୍ତ୍ତନ। ଏମିତି ଶହ ଶହ ପ୍ରସଙ୍ଗର ସମାଧାନ କେବଳ ଆମେ ଏବଂ ଆମର ମାନସିକତା।


ଏକତାଳୀ,ଯଶିପୁର,ମୟୂରଭଞ୍ଜ

ମୋ-୯୪୩୮୫୩୭୦୧୩




## କବିତା କୋଣାର୍କ

### ପ୍ରେମିକ ଓ ପ୍ରେମିକା

**ରମାକାନ୍ତ ଦାସ**



ପ୍ରେମିକ ଅନ୍ଧ
ସେ କେବେ ପ୍ରେମିକାର ରଙ୍ଗ
ଦେଖେନି
ପ୍ରେମିକ ମୁକ
ସେ କେବେ କାହା ପ୍ରଶ୍ନର ଉତ୍ତର
ଦିଏନି
ପ୍ରେମିକ ବଧିର
ସେ କେବେ ଲକ୍ଷେ ଲୋକର କଥା
ଶୁଣେନି
ପ୍ରେମିକର ଆଖି ଦେଖେ
ପ୍ରେମିକା ଆଖିର ଭଲପାଇବା
ପ୍ରେମିକର କାନ ଶୁଣେ
ପ୍ରେମିକା ଛାତିର ପ୍ରତିଟି ସ୍ପନ୍ଦନ ।
ପ୍ରେମିକା ଶୁଭ୍ର ପ୍ରଭାତର ଫୁଲଝରା
ବର୍ଷା
ପ୍ରେମିକକୁ ନିତି ଭିଜାଏ ତା ପ୍ରେମର
ବର୍ଷାରେ
ପ୍ରେମିକା ଏକାନ୍ତ ରଜନୀରେ
ଚମକୁଥିବା ତାରା
ଅମା ଅନ୍ଧକାରେ ପ୍ରେମିକର ଆଲୋକ
ସାଜେ
ପ୍ରେମିକା ଗୋଲାପର ବାସ୍ନା
ନିତି ତା ବାସ୍ନାରେ
ପ୍ରେମିକକୁ ପାଗଳ କରେ
ପ୍ରେମିକା କେବେ ଅଭିମାନିନୀ
କେବେ ଫୁଲେଇ
ସବୁକିଛି ସହିଯାଏ ପ୍ରେମିକ ଓଠରେ
ଟିକେ ହସ ଦେଖିବା ପାଇଁ
ପ୍ରେମିକା ପ୍ରେମିକ ଜୀବନର ନାୟିକା
ଦୁହେଁ ଦୁହିଁଙ୍କୁ ବିନା ବଞ୍ଚି ପାରନ୍ତିନି
ଏକା ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

ମୋ : ୯୬୬୮୮୧୫୩୬୯


### ତୁମ କଳାରୁ ଟିକିଏ ଦିଅ

**କୁନା ସେଠୀ**



ବଡ଼ କଳାକାର ଦୁନିଆ ଯାକର
କଳାପ୍ରେମୀ ପରା ଅଟ ହେ ଠାକୁର
ତୁମେ ହିଁ ଲେଖକ
ତୁମେ ପ୍ରକାଶକ
ତୁମେ ହିଁ ଶାସକ
ତୁମେ ପ୍ରକାଶକ
ତୁମେ ପରା କଳାପ୍ରେମୀ ବନ୍ଧୁ
ମୋର।
କଳାକାରଙ୍କର ତୁମେ ନିର୍ଦ୍ଦେଶକ
ତୁମେ ହିଁ ତ ତାଙ୍କ ପଥ ପ୍ରଦର୍ଶକ
ତୁମେ ସହାୟକ
ଅଉପନାସିକ
ତୁମେ ପୌରାଣିକ
ତୁମେ ପ୍ରବଚକ
ତୁମେ ପରା ପ୍ରଭୁ ପ୍ରଥମ ପାଠକ ।
ତୁମେ ଅଭିନେତା ଏଇ ଦୁନିଆର
ଅଭିନୟ କରି କରୁଛ ପ୍ରଚାର
କାହାକୁ ହସାଅ
କାହାକୁ କନ୍ଦାଅ
ଦୁଃଖରେ ଭସାଅ
ଲୁହରେ ଭିଯାଅ
ତୁମ ଅଭିନୟ ଜୀବନ୍ତ ଠାକୁର ।

କଳା ବୋଲି ତୁମେ କଳାଠାକୁର
କଳାକାର ଯୋଗୁଁ ନାମ କୁ ଧର
ତୁମେ ଚିତ୍ରକର
ତୁମେ ପାଲାକାର
ତୁମେ ଭାଷ୍ୟକାର
ତୁମେ ହାସ୍ୟକାର
ଅଭିନୟ ତୁମର କେତେ ରୂପର ।

ଯେତେ କଳା ଅଛି ତୁମଠି ଠୁଳ
ତୁମେ ପରା ସବୁ କଳାର ମୂଳ
କାଳରୁ ଟିକିଏ ଦିଅ
ଭକତି ମୋହର ନିଅ
ହୋଇବି ସବୁରି ପ୍ରିୟ
ଶୁଣାଇବି ଜୟ ଜୟ
ତୁମ ପ୍ରେମେ ନାଚି ହୋଇବି ଯେ
ଭୋଳ ।


ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୧୭



ଡ.ସିନ୍ଧୁ ସେନ୍

ମୋର ଯେମିତି ମନେ ହେଉଥିଲା ଆମେ ତପସ୍ୟାରୁ ସିଦ୍ଧିଲାଭ କରି ଫେରିନୁ ଯେ ଏକାଥରେ ଲଙ୍କା ଜୟ କରି ଫେରିଆସିଛୁ । ଆମମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ମାତାମହଙ୍କ ଏପରି ସବୁ ଯୋଜନା ଦେଖି ମୁଁ ସ୍ତମ୍ଭୀଭୂତ ହୋଇ ପଡୁଥିଲି । ସତରେ, ଯେଉଁଦିନ ଲଙ୍କା ବିଜୟ କରି ଫେରିଆସିବି, ସେଦିନ ତେବେ କ'ଣ ନ ହେବ ? ମୁଁ କ'ଣ ସତରେ ବିଜୟୀ ହେବି ? ମାତାମହଙ୍କର ଏ ସବୁ ଆୟୋଜନ ଦେଖି ମୁଁ ନିଜକୁ କୃତକୃତ ମନେ କରୁଥିଲି ଭାବୁଥିଲି ଯେଉଁ ମାତାମହଙ୍କର ମୋ ଉପରେ ଏତେ ବିଶ୍ୱାସ, ଭରସା, ମୁଁ ତାଙ୍କର ଆଶା ପୂରଣ କରି ପାରିବି ତ ?

କାହିଁକି ନୁହେଁ? ନିଶ୍ଚୟ କରିବି ।

ଆମ କୁଳଦେବୀ, ସାକ୍ଷାତ ଦେବୀ ପ୍ରତିମା । ଆମ ରାକ୍ଷସକୁଳର ଅଧିଷ୍ଠାତ୍ରୀ ଦେବୀ । ତାଙ୍କର ସଠିକ୍ ନାମ ଏବେ ଠିକ୍ ମନେପଡୁନି । ତେବେ ଆମେ ତାଙ୍କୁ ବିପଦ ତାରିଣୀ ଦେବୀ ଭାବେ ସମ୍ବୋଧନ କରୁଥିଲି । ଆମର ରାକ୍ଷସକୁଳର ଯେକୌଣସି ବିପଦ ଆସିଲେ ଆମେ ତାଙ୍କୁ ହିଁ ସ୍ମରଣ କରୁଥିଲୁ । ବଡ଼ବଡ଼ କଳାକଳା ଆଖି ମୁକ୍ତକେଶୀ ମାଆ ଦେବୀଙ୍କୁ ଦେଖିଲେ ଯେମିତି ଭୟଙ୍କର ଲାଗନ୍ତି । ଆଖି ବୁଜି ତାଙ୍କ ପାଦପଦ୍ମରେ ସ୍ମରଣ କଲେ ସେମିତି ଆପଣାର ଭଳି ମନେ ହୁଅନ୍ତି । ରାକ୍ଷସକୁଳକୁ ଉଦ୍ଧାରିବା ପାଇଁ ଆଶୀର୍ବାଦ ମୁଦ୍ରାରେ ସେ ଦଣ୍ଡାୟମାନ । ଯିଏ ଯେଉଁ କାମରେ ବାହାରୁ ନା କାହିଁକି ଦେବୀଙ୍କ ଆଶୀର୍ବାଦ ନେଇ ବାହାରନ୍ତି । ଏପରିକି ରୋଗ ବଇରାଗ ହେଲେ ସେହି ଦେବୀ ହିଁ ଆମର ଭରସା । ସଧବା ନାରୀଙ୍କର ପିଲାଛୁଆ ନହେଉଥିଲେ ସେମାନେ ଦେବୀଙ୍କ ପୀଠରେ ଅଧିଆ ପଡ଼ିବାର ମଧ ଶୁଣାଯାଏ । ତାଛଡ଼ା ଦେବୀଙ୍କ ପର୍ବପର୍ବାଣୀ ଦିନ ମାନଙ୍କରେ କୁଆଡ଼େ କୁମାରୀ କନ୍ୟା ମାନେ ବ୍ରତ କଲେ ସେମାନଙ୍କୁ ଭଲ ସ୍ୱାମୀ ମିଳିଥାଏ । ଖାସ୍ ସେଇଥିପାଇଁ ପାର୍ବର ଦିନ ଗୁଡ଼ିକରେ କୁମାରୀ କନ୍ୟା ମାନଙ୍କ ଭିଡ଼ ଜମେ ଦେବୀ ମଣ୍ଡପରେ । ତେବେ ସେ ଯାହା ହେଉନା କହିଁକି ମାତାମହଙ୍କର ତାଙ୍କର ଅଖଣ୍ଡ ବିଶ୍ୱାସ, ସେ ଦୁଃଖରେ ଲଙ୍କା ତ୍ୟାଗ କରି ପଳାଇ ଆସିଥିଲେ ସିନା ମାତ୍ର ବିପଦ ତାରିଣୀ ଦେବୀଙ୍କୁ ତ୍ୟାଗ କରି ନଥିଲେ । ତାଙ୍କର ଲଙ୍କା ଛାଡ଼ିବା ସଂଗେସଂଗେ ଦେବୀଙ୍କୁ ଆଣି ଏଇ ବାଲିଦ୍ୱୀପରେ ସ୍ଥାପନା କରିଛନ୍ତି । ରାକ୍ଷସ ମାନଙ୍କର ସୁଖ-ଦୁଃଖ, ଭଲ-ମନ୍ଦ, ସବୁଥିର ସାଥୀ ଏବେ ଆମର ସିଦ୍ଧିପ୍ରାପ୍ତିରେ ତାଙ୍କଠାରୁ ଆଗ ଆଶୀର୍ବାଦ ନେବା ଜରୁରି । ମୋର ମୁଣ୍ଡ ସ୍ୱତଃ ନଇଁ ଯାଉଥିଲା ଦେବୀମାତାଙ୍କ ଉଦ୍ଦେଶ୍ୟରେ । ମୋ ତପସ୍ୟାର ସଫଳତା ପାଇଁ ତାଙ୍କୁ ଦୂରରୁ ପ୍ରଣାମ ଜଣାଇଲି । ଆମେ ତିନିଭାଇ ଯାହା ବି ପାଇଛୁ, ସବୁ ତ ତାଙ୍କରି କରୁଣାରୁ । ନିରବରେ କହିଲି ହେ ଦେବୀମାତା, ମୋର ସମସ୍ତ ସାଧନାର ସିଦ୍ଧି ତୁମରି ଆଶୀର୍ବାଦରୁ । ଆଗକୁ ଯାହା ବି କରିବି, ସେଥିପାଇଁ ମୋତେ ଆଶୀର୍ବାଦ କର, ମୋ ମନରେ ଶକ୍ତି ଓ ସାହସ ଭରିଦିଅ । ମୁଁ ଯେମିତି ମୋ କାମରେ ସଫଳତା ପାଏ । ମାତାମହଙ୍କର ସ୍ୱପ୍ନ ପୂରଣ କରିପାରେ । ଲଙ୍କା ରାଜ୍ୟରୁ ବିତାଡ଼ିତ ହୋଇ ସେ ଯେଉଁ ଅପମାନିତ ହୋଇଛନ୍ତି । ତାହା ଯେମିତି ପୁନରାବୃତ୍ତି ନହେଉ ।

ସମସ୍ତ ପ୍ରତୀକ୍ଷାର ପରିସମାପ୍ତି ପରେ ଆମ ନୌକା କୂଳରେ ଲାଗିଲା । ଆମକୁ ଭବ୍ୟ ସ୍ୱାଗତ କରି ପାଛୋଟି ନିଆଗଲା । ମାତାମହ ଆଉ ମାତା ଦୁହେଁ ବହୁତ ଖୁସି ମନରେ ଆମ ପାଖକୁ ଏକପ୍ରକାର ଦୌଡ଼ିଦୌଡ଼ି ଆସୁଥିଲେ । ମୁଁ ଓ ଭାଇ ବିଭୀଷଣ ଦୁହେଁ ଓହ୍ଲାଇଲୁ । କୁମ୍ଭକର୍ଣ୍ଣ ତ ନିଦ୍ରାରେ ଅଚେତ, ତାଙ୍କୁ ନାଉରିଆ ମାନେ ଟେକିଆଣି ଶୁଖିଲା ସ୍ଥାନ ଦେଖି ଶୁଆଇ ଦେଲି । ତାଙ୍କର ଏଭଳି ଅବସ୍ଥା ଦେଖି ମାଆ ବ୍ୟସ୍ତ ହୋଇ ତଳେ ପଡ଼ିଗଲେ । ନାଉରିଆ ମାନେ କୁମ୍ଭକର୍ଣ୍ଣଙ୍କୁ ଶୁଆଇ ଦେବା ପରେ ମାଆ ତାର ଶରୀର ଉପରେ ଲୋଟିପଡ଼ି ଚିତ୍କାର କରିବାକୁ ଲାଗିଲେ କ'ଣ ହୋଇଛି କୁମ୍ଭକର୍ଣ୍ଣଙ୍କର ? ମାତାମହ ମଧ ପ୍ରଶ୍ନିଳ ଦୃଷ୍ଟିରେ ଆମ ଆଡ଼କୁ ଅନାଇ ରହିଥାନ୍ତି । ଉଭୟ ଚକିତ ନୟନରେ କେତେବେଳେ କୁମ୍ଭକର୍ଣ୍ଣଙ୍କୁ ଚାହିଁଥାନ୍ତି ତ କେତେବେଳେ ଆମ୍ଭ ଦୁହିଁଙ୍କୁ, କିଛିସମୟ ନିରବରେ କଟିଗଲା । ତାପରେ ଆମ ତିନିଭାଇ ସହ ଯାହା ଯାହା ଘଟି ଯାଇଥିଲା ସେସବୁ ଗୋଟିଗୋଟି କରି ମୋତେ ହିଁ କହିବାକୁ ପଡ଼ିଲା ।

ମାଆଙ୍କ ଆଗରେ ସବୁକିଛି ସ୍ପଷ୍ଟ ହୋଇଗଲା । ପ୍ରଥମ ଦେଖାରେ ସେ ଯେଭଳି ବିଚଳିତ ହୋଇ ପଡ଼ିଥିଲେ ମୋର ତ ଚିନ୍ତା ବଢ଼ି ଯାଇଥିଲା । କୁମ୍ଭକର୍ଣ୍ଣଙ୍କୁ ଦେଖି ମାଆଙ୍କର କିଛି ଆଉ ହୋଇଯିବନି ତ ? ଯେତେ ଯାହା ହେଲେ ବି ତାଙ୍କର ମାଆ ମନ । ପୁତ୍ର ଚିନ୍ତାରେ ସଦା ବ୍ୟାକୁଳିତ । ଭାଇଟିର ଏଭଳି ଅବସ୍ଥା ଦେଖି କେଉଁ ମାଆ କେବେ କ'ଣ ଥୟ ଧରି ରହିପାରେ ? ତେବେ, ଯାହାହେଉ ମାଆଙ୍କୁ ଏମିତି ପରିସ୍ଥିତିରେ ଶାନ୍ତ କରାଇଲି । ମାତାମହଙ୍କ ମନରେ କିନ୍ତୁ ଅନ୍ୟ କିଛି ସନ୍ଦେହ । ସମଗ୍ର ମୁଖମଣ୍ଡଳରେ ରକ୍ତିମ ଆଭା । ସେ ବିସ୍ଫୋରିତ ଚକ୍ଷୁରେ କହୁଥିଲେ । "ରାବଣ କୁମ୍ଭକର୍ଣ୍ଣ ତ ତୁମଭଳି ଦୀର୍ଘ ବର୍ଷବର୍ଷ ଧରି ତପସ୍ୟା କଲା । ମାତ୍ର ତାକୁ କାହିଁକି ଏମିତି ଏକ ଅଜବ ବରପ୍ରାପ୍ତ ହେଲା । ଏଥିରେ ଦେବତା ମାନଙ୍କର କିଛି ହାତ ନାହିଁ ତ ? ମୋର କାହିଁକି ସନ୍ଦେହ ହେଉଛି ଦେବତା ମାନେ ନିଶ୍ଚିତ କିଛି କୂଟକପଟ କରି ତାଙ୍କ ସିଦ୍ଧିକୁ ନଷ୍ଟ କରି ଦେଇଛନ୍ତି । ନ ହେଲେ ତପସ୍ୟାର ଫଳ କେବେ କ'ଣ ଏମିତି ଘଟେ ?

ବାସ୍ତବରେ ମାତାମହ କିଛି ଭୁଲ୍ କହୁନାହାନ୍ତି । ତପସ୍ୟାର ଫଳ ଯୁଗେଯୁଗେ କିଛି ନା କିଛି ଶୁଭ ସନ୍ଦେଶ ଆଣିଦିଏ । ମାତ୍ର ଏମିତି ଏକ ବରପ୍ରାପ୍ତି ଆଶୀର୍ବାଦ କି ଅଭିଶାପ ମୁଁ । ନିଜେ ବି ସେ ବିଷୟରେ ସନ୍ଦିହାନ ଥିଲି । ମାତାମହଙ୍କ କଥାରେ ମୁଁ ତେଣୁ ଏକମତ ହୋଇ କହିଲି । ତାହା ବି କିଛି ଅସମ୍ଭବ ନୁହେଁ । ଦେବତା ମାନେ ତ ଚିରକାଳ ରାକ୍ଷସ ବିରୋଧି । ରାକ୍ଷସ ମାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମକୁ ସେମାନେ ଆଦୌ ବରଦାସ୍ତ କରିପାରନ୍ତି ନାହିଁ । ଏମିତି ହୋଇପାରେ, କୁମ୍ଭକର୍ଣ୍ଣର ତପସ୍ୟାର ସିଦ୍ଧିକୁ ନଷ୍ଟ କରିବା ପାଇଁ ଏ ମଧ ଷଡ଼ଯନ୍ତ୍ର ଥିଲା । ମୋ ସାନଭାଇକୁ ନିର୍ବଳ କରିଦେଇ ପରୋକ୍ଷରେ ମୋ ହାତମୁଠାକୁ ମଧ ଢିଲା କରି ଦେଇଛନ୍ତି । କାରଣ ଯେତେ ଯାହା ହେଲେ ବି ଭାଇ ମୋର ଏକ ବଳ ନା... ମାତାମହ କହୁଥିଲେ ଦେଖ ରାବଣ, ଦେବତା ମାନଙ୍କ ଔଦ୍ଧତାର ସୀମା ଦିନକୁ ଦିନ ଟପିବାରେ ଲାଗିଛି । ଏସବୁ ଏବେ ଅସହ୍ୟ ହୋଇପଡୁଛି । ଆମକୁ ଯେମିତି ହେଲେ ମଧ ଏହାର ପ୍ରତିଶୋଧ ନେବାକୁ ପଡ଼ିବ ।

ମୋ ମୁହଁରୁ ଅସ୍ତିବାଚକ ଶବ୍ଦ ଶୁଣି ମାତାମହ ଖୁସି ହୋଇଗଲେ । ମୋ ମୁଣ୍ଡରେ ହାତ ବୁଲାଇ ଆଶୀର୍ବାଦ ମୁଦ୍ରାରେ କହିଲେ, ତୁମେ ହିଁ ଏସବୁର ଦାୟିତ୍ୱ ନିଅ । ତୁମକୁ ତ ତ୍ରିଭୁବନ ବିଜୟର ବରପ୍ରାପ୍ତ ହୋଇଛି । ତେଣୁ ଆଉ ଡେରି ନକରି ତୁମେ ତୁମ କାମରେ ଆଗେଇ ଯାଅ ।

ମୋ ଉପରେ ଅନେକ ଦାୟିତ୍ୱ ଲଦି ହୋଇଗଲା । ମନେମନେ ସଂକଳ୍ପ ନେଲି । ମୋତେ ରାକ୍ଷସ କୁଳର ମାନ, ସମ୍ମାନ ମର୍ଯ୍ୟାଦା ଫେରାଇ ଆଣିବାକୁ ପଡ଼ିବ । ମୋତେ ଆଗକୁ କିଛି କରି ଦେଖାଇବାକୁ ପଡ଼ିବ । ମୁଁ ରାବଣ, ବ୍ରହ୍ମଦେବଙ୍କ ବରପ୍ରାପ୍ତି ପରେ ସତେଯେମିତି ପୁନର୍ଜନ୍ମ ପାଇଛି । ନିଜ ଶରୀରକୁ ନିଜେ ଚାହିଁଲି । ଦୁଇ ବାହୁକୁ ହଲାଇ ପରୀକ୍ଷା, କଲି । ମୋ ଦେହରେ ଅମାପ ବଳ ରହିଥିବାର ଅନୁଭବ କଲି । ଭାବିଲି, ମୁଁ ନିଶ୍ଚୟ ପାରିବି । ମାତାମହଙ୍କ ସ୍ୱପ୍ନ ପୂରଣ କରିବି । ରାକ୍ଷସକୁଳର ସମ୍ମାନ ପାଇଁ ପ୍ରାଣମୂର୍ଚ୍ଛା ଲଢ଼ିବି । ମୋତେ କେବଳ ଲଙ୍କା ନୁହେଁ, ତ୍ରିଭୁବନ ଜୟ କରିବାର ଅଛି । ଲକ୍ଷ୍ୟ ହାସଲ ନିମନ୍ତେ ମୁଁ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ ଅଛି ।

ଆଜି ତେଣୁ, ଜୀବନର ଶେଷ ମୁହୂର୍ତ୍ତରେ ସେସବୁ କଥା ଗୋଟିଗୋଟି କରି ମନେ ପଡ଼ିଯାଉଛି, ମନରେ ଉଙ୍କି ମାରୁଛି ଅତୀତର ସ୍ମୃତି । ମୁଁ ମୋ ସଂକଳ୍ପକୁ ପୂରା କରିବାର ନିଷ୍ପତ୍ତି ନେଇ ଜୀବନତମାମ୍ ଅନେକ କିଛି କରିଛି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୪୪ ॥

ଏଥି ମଧ୍ୟରେ ଥିବା ଜଳାଶୟ ନିକଟରେ ହଂସ, ସାରସ, ଚକ୍ର ବାକ ଆଦି ପକ୍ଷୀଙ୍କ କଳରବ ତଥା ଭୃଙ୍ଗ, ଭୃଙ୍ଗିଣୀ ମାନଙ୍କ ଗୁଞ୍ଜନ ସହ କୋକିଳ ମାନଙ୍କର କୁହୁତାନ ଅତି ଚିତ୍ତ ମୁଗ୍ଧକର ଥିଲା । ସେହି ବନରେ ଶତଶତ ଦିବ୍ୟ କାମିନୀଯୁଥ ଯୁଥ ହୋଇ ଭ୍ରମଣ କରୁଥିଲେ । ସେମାନେ ବାଦ୍ୟ ନାଦ ମଧରେ ଶ୍ରୀକୃଷ୍ଣଙ୍କର ଗୁଣ କୀର୍ତ୍ତନ କରୁଥିଲେ ।

ସେହି ଭୁବନ ମଧ୍ୟରେ ଶ୍ରୀବିଷ୍ଣୁଙ୍କ ସହ ପରମଲକ୍ଷ୍ମୀ ବାସ କରୁଥିଲେ । ଶ୍ରୀବିଷ୍ଣୁଙ୍କ ସମ୍ମୁଖସ୍ଥ ସେହି ଭୁବନବାସୀ ସମସ୍ତ ପୁରୁଷ ମାନେ ବିଷ୍ଣୁଙ୍କର ପ୍ରତିକୃତି ସ୍ୱରୂପ ଥିଲେ । ପାପୀମାନଙ୍କର ସେଠାରେ ପ୍ରବେଶ ନିଷିଦ୍ଧ ଥିଲା । କାରଣ ଦୁଷ୍କୃତ ମାନଙ୍କ ପାଇଁତ କେବଳ ନର୍କର ଦ୍ୱାର ହିଁ ଉନ୍ମୁକ୍ତ ଥାଏ ।

ବ୍ରହ୍ମାଙ୍କର ସେହି ବେଦ ବାଦୀ ପୁତ୍ର ମାନେ ମନ ଓ ପବନକୁ ରୁଦ୍ଧ କରି, ଚଞ୍ଚଳ ମନକୁ ସ୍ଥିର କରି, ଇନ୍ଦ୍ରିୟମାନଙ୍କୁ ନିରୋଧ କରି କଠୋର ଯୋଗ ସାଧନା ସହ ଶ୍ରୀବିଷ୍ଣୁଙ୍କର ଗୁଣ ଗାନ କରିଥାନ୍ତି । ଯେତେ ବଡ଼ ଯୋଗୀ ହେଲେ ମଧ ଯଦି ଶ୍ରୀ ବିଷ୍ଣୁଙ୍କ ପ୍ରତି ତାଙ୍କର ପ୍ରେମ ନଥାଏ ସେମାନେ ସେହି ବୈକୁଣ୍ଠ ଭୁବନରେ ପ୍ରବେଶ କରିପାରନ୍ତି ନାହିଁ । ସେହି ବୈକୁଣ୍ଠଧାମକୁ ସନକ, ସନତ, ସନନ୍ଦ ଓ ସନାତନ ଏବଂ ବ୍ରହ୍ମାଙ୍କର ଅନ୍ୟ ପୁତ୍ରମାନେ ଯୋଗ ମାର୍ଗରେ ଶ୍ରୀ ବିଷ୍ଣୁଙ୍କୁ ସାକ୍ଷାତ କରିବାକୁ ଆଗମନ କଲେ ।

ଯେପରି ଅଣୁ ମଧ୍ୟରେ ପରମାଣୁ, ପରମାଣୁ ମଧ୍ୟରେ ଅତି କ୍ଷୁଦ୍ରାଦି କ୍ଷୁଦ୍ର ପରମ ଅଣୁମାନ ରହିଥାଏ, ଯାହାକି ଗୋଟିଏ ସୂଚୀ ମୁନ ମଧରେ କୋଟି, କୋଟି ସଂଖ୍ୟାରେ ରହି ପାରେ, ଠିକ୍ ସେହିପରି ଆତ୍ମା ମଧରେ ପରମ ଅଣୁ ପର୍ଯ୍ୟନ୍ତ ଆତ୍ମାର ସୂକ୍ଷ୍ମ ସ୍ୱରୂପ ରହିଥାଏ । ସାଧନା ବଳରେ ଆତ୍ମାକୁ ସୂକ୍ଷ୍ମାତି ସୂକ୍ଷ୍ମ କରି ସାଧକ ଯୋଗର ସୂକ୍ଷ୍ମ ପଥ ମଧ୍ୟରେ ଗତି କରିଥାନ୍ତି ଓ ଅନ୍ୟ ଜଗତ ସହିତ ସମ୍ପର୍କ ସ୍ଥାପନ କରିଥାନ୍ତି ।

ବ୍ରହ୍ମାଙ୍କର ସେହି ଚାରିପୁତ୍ର ପରମ ବିଷ୍ଣୁ ପ୍ରେମୀ ଥିଲେ । ଭଗବାନଙ୍କ ନାମରେ ସେମାନେ ଉନ୍ମାଦ ହୋଇଯାଉଥିଲେ । ସେମାନଙ୍କର ରୋମ ପୁଲକିତ ହେଉଥିଲା, ନୟନରୁ ଆନନ୍ଦ ଅଶ୍ରୁ ଝରୁଥିଲା, ପାଗଳ ପରି ସେମାନେ ନୃତ୍ୟ କରୁଥିଲେ । ଏହିପରି ବେଦାନ୍ତ ଯୋଗ ମାର୍ଗରେ ସେମାନେ ଦ୍ୱାର ପରେ ଦ୍ୱାର ଅତିକ୍ରମ କରି ଚତୁର୍ଥ ଦ୍ୱାର ନିକଟରେ ଉପସ୍ଥିତ ହେଲେ । ସେଠାରେ ଥିଲା ହେମମୟ ଦୁଇ ବିଶାଳ କବାଟ । ଦୁଇ ପାର୍ଶ୍ୱରେ ଦ୍ୱାରପାଳ ରୂପେ ଉଭା ହୋଇଛନ୍ତି ଜୟ ଓ ବିଜୟ ! ଆଗନ୍ତୁକ ମାନଙ୍କୁ ନିରୀକ୍ଷଣ କରି ଭିତରକୁ ଛାଡିବା ସେମାନଙ୍କର କାର୍ଯ୍ୟ !

ଏହି ଦ୍ୱାର ଗୁଡ଼ିକ ବାସ୍ତବରେ ପାର୍ଥିବ ବସ୍ତୁରେ ନିର୍ମିତ ଦ୍ୱାର ଥିଲାକି ? ଏବଂ ଏହି ଦ୍ୱାରପାଳ ଦୁଇ ଜଣ ସେହି ଦ୍ୱାରର ସାଧାରଣ ଦ୍ୱାରପାଳ ଥିଲେ କି ? ?

ନାଁ, ଏହି ଦ୍ୱାର କୌଣସି ପାର୍ଥିବ ବସ୍ତୁରେ ନିର୍ମାଣ କରାଯାଇ ନଥିଲା । ଯେପରି ମହାଦେବଙ୍କ ନିକଟରେ ଅଧିଆ ପଡ଼ିଥିବା ସେହି ଅଶିକ୍ଷିତ ମଣିଷ ଜଣକ ବାସ୍ତବ କଦଳୀ ନଦେଖି ଏହାର ଛାୟାଚିତ୍ର ଦେଖି ଥିଲା, ଏହାମଧ ସେହିପରି ଯୋଗୀ ବିଶେଷମାନଙ୍କ ବ୍ୟତୀତ ଅନ୍ୟ ପାଇଁ ଅଦୃଶ୍ୟ, ଅସ୍ପୃଶ୍ୟ, ଅଶ୍ରୁତ ଜଗତ ଥିଲା । ଏହି ଦେବଜଗତ ବା ଅତି ମାନବ ଜଗତ ମାନ ଏଲିୟେନ୍ ଜଗତ ଥିଲା ଏବଂ ଏହି ଜଗତ ଏଲି ୟେନ୍ ଶକ୍ତି ରେ ନିର୍ମିତ ଥିଲା । ଆଧୁନିକ ବିଜ୍ଞାନ ଯେତେ ବେଳେ ଏବେ ମଧ ବାହ୍ୟ ବିଜ୍ଞାନ ବଳରେ ଏମାନଙ୍କର ଅନୁସନ୍ଧାନ କରି ଚାଲିଛି, ଅନ୍ତର୍ବିଜ୍ଞାନୀ ମାନେ ବହୁତ ପୂର୍ବରୁ ଏମାନଙ୍କ ସହିତ ଯୋଗାଯୋଗ ଓ ସମ୍ପର୍କ ସ୍ଥାପନ କରି ପାରୁଥିଲେ ।

ଆଉ ଏହି ଦ୍ୱାରମାନ ଯୋଗର ସ୍ତରମାନ ଥିଲା । ଏହି ଯୋଗ କ୍ରମେ ନିମ୍ନ ସୋପାନରୁ ଉଚ୍ଚ ସୋପାନ ପର୍ଯ୍ୟନ୍ତ ଯାଇ ବୈକୁଣ୍ଠ ନାମକ ଆନନ୍ଦମୟ ସ୍ତରରେ ଯୁକ୍ତ ହୋଇ ଥିଲା । ଏବଂ ଏହି ଦ୍ୱାରପାଳ ମାନେ ଜଣେ, ଜଣେ ମହାଯୋଗୀ ଥିଲେ । ସେମାନେ ମନୋନୟନ କରି ଯୋଗୀମାନଙ୍କୁ ଉଚ୍ଚ ସ୍ତରକୁ ଯିବାର ମାର୍ଗ ଦର୍ଶନ କରାଉଥିଲେ । ସେତେବେଳେ ବିଭିନ୍ନ ଜାତି ବା ଧର୍ମ ନଥିଲା । କିନ୍ତୁ ଭାରତ ପୂର୍ବରୁ ଅନ୍ୟ କେତେକ ସ୍ଥାନରେ ମଧ ବିଷ୍ଣୁ ପ୍ରେମୀ ମାନେ ରହିଥିଲେ । ସିନ୍ଧୁ ନଦୀ କୂଳରେ ବାସ କରୁଥିବା ଏହି ଗୋଷ୍ଠୀର ବ୍ରହ୍ମ ସାଧକ ମାନବ ଏବଂ ଅନ୍ୟ କେତେକ ସ୍ଥାନର ଅଧିବାସୀ ମାନେ ପରସ୍ପରକୁ ପସନ୍ଦ କରୁ ନଥିଲେଏବଂ ଉଭୟ ଉଭୟଙ୍କୁ ସମାଲୋଚନା କରୁଥିଲେ । ପରସ୍ପର, ପରସ୍ପରଙ୍କୁ ସମାନ ଭାବରେ ଆକ୍ଷେପ କରୁଥିଲେ । ବିଶେଷତ ବ୍ରହ୍ମାଙ୍କର ଏହି ଚାରି ମାନସ ପୁତ୍ରଙ୍କ ଶିଶୁ ସୁଲଭ ସରଳ ଆଚରଣ ଓ ନଗ୍ନତାକୁ ସେମାନେ ସମର୍ଥନ କରୁ ନଥିଲେ । ସେମାନଙ୍କ ମଧ୍ୟରେ ଜୟ, ବିଜୟ ନାମକ ବିଷ୍ଣୁ ଭକ୍ତ ମାନେ ଅନ୍ୟତମ ଥିଲେ, ଯେଉଁମାନେ କି ସମସ୍ତ ଦ୍ୱାରର ରକ୍ଷକ ଥିଲେ ।

ଜୟ ଓ ବିଜୟ ସ୍ତମ୍ଭିତ, ଚକିତ ହୋଇ ଚାହିଁ ରହିଛହିନ୍ତି । 'ଏ କ'ଣ ? ଏ ଚାରିଜଣ କ'ଣ ବ୍ରହ୍ମାଙ୍କର ପୁତ୍ର ? ଏମାନେ ଏପରି ଧୂଳି, ଧୂସର, ଦିଗମ୍ବର ହୋଇଛନ୍ତି କାହିଁକି ? ଏମାନଙ୍କ ଦେହରେ ବସ୍ତ୍ର କାହିଁ ? (ଯଦି ବା ସେହି ସମୟ ରେ କାର୍ପାସ ବସ୍ତ୍ର ନଥିଲା, ମାନବ ପତ୍ରର ବୁଣା ପଟି ବା ଛାଲ, ବଲ୍କଳ, ଆଦିରେ ନଗ୍ନତାକୁ ଢାଙ୍କି ରଖୁଥିଲେ !) ଯୁବକ ବୟସରେ ବି ପାଞ୍ଚବର୍ଷର ଶିଶୁପରି ଏମାନେ ନଗ୍ନ, ବିକଳ କାହିଁକି ? ଏହି ଐଶ୍ୱର୍ଯ୍ୟମୟ ସୁଭଦ୍ର ଗୋଲକ ଭୁବନ ମଧ୍ୟରେ ପରମ ଲକ୍ଷ୍ମୀ ଶ୍ରୀବିଷ୍ଣୁଙ୍କ ସହ ବିରାଜିତା ଅଛନ୍ତି । ଏଭଳି ଅଶ୍ଳୀଳ, କୁରୂପ, ଉନ୍ମାଦ ବେଶବିନ୍ୟାସରେ ଆସିଥିବା ଏହି ଯୁବକ ମାନଙ୍କୁ ଆମ୍ଭେ ମାନେ ସର୍ଜନା କର୍ତ୍ତା ବ୍ରହ୍ମାଙ୍କ ପୁତ୍ର ବୋଲି ବିଶ୍ୱାସ କରି ଭୁବନ ମଧ୍ୟରେ ପ୍ରବେଶ କରିବାକୁଦେବା ଉଚିତ ହେବନାହିଁ । ହୁଏତ ଆମ୍ଭ ମାନଙ୍କର ସ୍ୱାମୀ ଓ ସ୍ୱାମିନୀ ଆମପ୍ରତି ରୁଷ୍ଟହୋଇ ପାରନ୍ତି । ଏହା ଭାବି ଜୟ ଓ ବିଜୟ ପରସ୍ପର ପ୍ରତି ଦୃଷ୍ଟି ବିନିମୟ କଲେ ।

ତାହାପରେ ଅନ୍ୟ ଦଶଜଣଙ୍କୁ ସୁମିଷ୍ଟବାକ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଭିତରକୁ ପାଛୋଟି ନେଲେ ।

ସନକ, ସନତ, ସନନ୍ଦ ବା ସନାତନଙ୍କର କିନ୍ତୁ ସେଥିପ୍ରତି ଦୃଷ୍ଟି ନାହିଁ । ସେମାନେ ବିଷ୍ଣୁଙ୍କର ଦର୍ଶନ ପାଇଁଉତ୍କଣ୍ଠିତ । ନିଜ ପ୍ରିୟତମ ଭଗବାନଙ୍କର ସାକ୍ଷାତ ପାଇଁ ଏକାଗ୍ର ମନସ୍କ । ବିନା ସ୍ୱାଗତୀକାରେ ଅନ୍ୟ ଦଶ ଜଣଙ୍କୁ ଅନୁସରଣ କରି ବ୍ୟଗ୍ର ପଦ ପାତରେ ଯାଇ ସପ୍ତମ ଦ୍ୱାର ନିକଟରେ ଉପସ୍ଥିତ ହେଲେ ।

'ଏମାନେ କେବଳ ବେଶଭୂଷାରେ ନୁହଁନ୍ତି, ଆଚରଣ ରେମଧ ଏମାନେ ଅତୀବ ନିର୍ଲ୍ଲଜ' ! ! ଜୟ ,ବିଜୟ ଚିନ୍ତା କଲେ । ଧିକ ଏମାନଙ୍କୁ ! ଏମାନଙ୍କୁ ଦୃଢ଼ ଭାବରେ ପ୍ରତିରୋଧ ନକଲେ ଏମାନେ ଅନ୍ତଃପୁର ପର୍ଯ୍ୟନ୍ତ ପ୍ରବେଶ କରି ଆମକୁ ଲଜ୍ଜିତ କରିଦେବେ ।

ସପ୍ତମ ଦ୍ୱାର ଉନ୍ମୁକ୍ତ । ଅନ୍ୟ ଦଶ ଜଣ ଭିତରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଜୟ , ବିଜୟବି ସଶବ୍ଦେ ଦ୍ୱାର ରୁଦ୍ଧ କଲେ । ଚାରିଭାଇଙ୍କର ମନେ ହେଲା କେହି ଯେପରି ସଜୋରେ ସେମାନଙ୍କ ହୃଦୟ ଉପରେ ବଜ୍ରାଘାତ କରିଛି ।

' ଦ୍ୱାର ରୁଦ୍ଧ କଲ କାହିଁକି ଦ୍ୱାରୀ ? ଉନ୍ମୁକ୍ତ କର । ଆମ୍ଭେ ଶ୍ରୀବିଷ୍ଣୁଙ୍କର ଦର୍ଶନ ପାଇଁ ଉଦଗ୍ରୀବ, ଆମର ବିଳମ୍ବ ହେଉଛି ।'

ଜୟ, ବିଜୟ ଦ୍ୱାରପାଳ ମାନେ କଣ ସେହି ଚାରି ବ୍ରହ୍ମ ପୁତ୍ର ମାନଙ୍କ ପାଇଁ ଯୋଗ ମାର୍ଗର ଦ୍ୱାର ଉନ୍ମୁକ୍ତ କରିଦେଲେ ? ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଗ୍ରୀଷ୍ମରେ ଶରୀରଚର୍ଯ୍ୟା



ଅପର୍ଣ୍ଣା ନାୟକ

ଗ୍ରୀଷ୍ମ ଋତୁକୁ କେହି କେହି ଏକ ବିରକ୍ତିକର ସମୟ ବୋଲି ବିଚାର କରନ୍ତି । କିନ୍ତୁ ବାସ୍ତବରେ ଗ୍ରୀଷ୍ମଋତୁଟି ଅତି ସୁନ୍ଦର ଓ ମନୋରମ । ଏହାକୁ ଜଣେ ବ୍ୟବସ୍ଥିତ ଏକ ଭଲ ରୁଟିନ ବନ୍ଧା ସମୟଚର୍ଯ୍ୟା କାଢ଼ି ପାରିଲେ ଆନନ୍ଦ ଅନୁଭୂତ ହୋଇପାରିବ । ଭଗବାନଙ୍କ ସୃଷ୍ଟିରେ ଛଅ ଋତୁ ଭିତରେ ଗ୍ରୀଷ୍ମ ଋତୁ ହେଉଛି ଏକ ପ୍ରମୁଖ ଓ ବଡ଼ ଋତୁ । ତେଣୁ ଆସନ୍ତୁ ଏହି ଗ୍ରୀଷ୍ମ ଋତୁରେ ସର୍ବନିମ୍ନ ଜୀବନଚର୍ଯ୍ୟା ବିଷୟରେ ଏକ ଛୋଟିଆ ଆଲୋଚନା ରଖିବା ।

◆ ଶୋଷ ମେଣ୍ଟାଇବା ପାଇଁ ପାଣି ହିଁ ସବୁଠାରୁ ଭଲ । ଖରାଦିନେ ଥଣ୍ଡା ରହିବା ନିମନ୍ତେ ବାରମ୍ବାର ପାଣି ପିଇବା ସବୁଠାରୁ ସହଜ ଉପାୟ । ଏହି ସମୟରେ ଦେହରୁ ବହୁତ ଝାଳ ବାହାରିଥାଏ ଏବଂ ଦେହରୁ ଜଳର ପରିମାଣ କମିଯାଏ । ଜଳୀୟଅଂଶକୁ ଠିକ୍ ରଖିବାକୁ ଶୋଷ ନଥିଲେ ମଧ ପ୍ରଚୁର ପାଣି ପିଅନ୍ତୁ । ଦେଖିବେ କେତେ ସତେଜ ଲାଗିବ । ଦିନକୁ ଅତିକମ୍‌ରେ ୧୫ ଗ୍ଲାସ ପାଣି ପିଅନ୍ତୁ ।

◆ ଖରାଦିନେ ଚା', କଫି, ସିଗାରେଟ୍ ଓ ମଦଠୁ ଯଥାସମ୍ଭବ ଦୂରରେ ରହନ୍ତୁ ।

◆ ମୃଦୁପାନୀୟ ବଦଳରେ ପଇଡ଼ ପିଅନ୍ତୁ । ମୃଦୁ ପାନୀୟକୁ ସଂରକ୍ଷିତ ରଖିବାଲାଗି ସେଥିରେ ନାନା ପ୍ରକାରର କେମିକାଲ୍ ଓ ରଙ୍ଗ ମିଶାଯାଏ । କିଛି ପାନୀୟରେ ଚିନି ଅଂଶ ମଧ ଥାଏ । ଏସବୁ ଶରୀରରେ ଅମ୍ଳ ସୃଷ୍ଟି କରିବା ସହ ଅନେକ ପ୍ରକାର ରୋଗକୁ ଉତ୍ସାହିତ କରିଥାଏ ।

◆ ଅଧିକାଂଶ ମୃଦୁ ପାନୀୟରେ ଫସ୍‌ଫରିକ୍ ଏସିଡ଼ ଦ୍ରବୀଭୂତ ହୋଇ ରହିଥାଏ । ଏହା ଶରୀରରେ ହଜମ କରୁଥିବା ଯନ୍ତ୍ରର ଭିତର ସ୍ତରକୁ କ୍ରମଶଃ ଖରାପ କରିଦିଏ । ଫଳରେ ଏହାଦ୍ୱାରା ହଜମ ଶକ୍ତି ଦୁର୍ବଳ ହୋଇଯାଏ । ପୁଣି ମୃଦୁ ପାନୀୟ ଦେହରୁ ଖଣିଜ ଲବଣ ହ୍ରାସ କରିଦିଏ । ଫଳରେ ଏନ୍‌ଜାଇମ୍‌ର କାର୍ଯ୍ୟରେ ଅସୁବିଧା ହୋଇ ଖାଦ୍ୟ ହଜମ ହୁଏ ନାହିଁ । ଏହାଦ୍ୱାରା ମଧ ଦାନ୍ତର ଅନେକ ରୋଗ, କିଡ୍‌ନିରେ ଷ୍ଟୋନ୍ ଜମିବା ଏବଂ ଆଥ୍ରାଇଟିସ୍ ରୋଗ ହୋଇଥାଏ ।

◆ ଖରାଦିନେ ବାହାରୁ ଆସି ଆମେ ଅତି ଥଣ୍ଡା ପାନୀୟ ପିଇବାକୁ ଭଲପାଉ । କିନ୍ତୁ ଖରାଦିନେ ଅତିଥଣ୍ଡା ପାଣି ବା ସର୍ବତ୍ ପିଇବା ଶରୀର ପାଇଁ ଭଲ ନୁହେଁ । ବାହାର ଗରମରୁ ଆସି ସଙ୍ଗେ ସଙ୍ଗେ ଥଣ୍ଡା ପାଣି ପିଇଲେ ରକ୍ତରେ ଥିବା କୋସିକାଗୁଡ଼ିକ ସଂଙ୍କୁଚିତ ହୋଇଯାଏ ।

◆ ଖରାଦିନେ ଅତ୍ୟଧିକ ଶାରୀରିକ ପରିଶ୍ରମ କରିବା କ୍ଷତିକାରକ ।

◆ ଖରାଦିନେ ଅଳ୍ପ ତଥା ପୁଷ୍ଟିକର ଏବଂ ତୈଳମୁକ୍ତ ଖାଦ୍ୟ ଖାଇବା ହିତକର ।

◆ ଦେହକୁ ଗରମ କରୁଥିବା ପରିବା ଏବଂ ଫଳ ଯେପରି ବିଭିନ୍ନ ପ୍ରକାରର ଶାଗ, ମୂଳା, ଗୋଲମରିଚ, ପିଆଜ, ରସୁଣ, ବିଟ୍, ସପୁରି, ବାତାପିଲେମ୍ବୁ ଏବଂ ପାଚିଲା ଆମ୍ବ ଖାଆନ୍ତୁ ନାହିଁ । ଏହି ଋତୁରେ ଅବଶ୍ୟ ପ୍ରଚୁର ଆମ୍ବ ମିଳେ । ତେଣୁ ଯଦି ଆମ୍ବ ଖାଇବାକୁ ଇଚ୍ଛା ହେଉଥାଏ, ତେବେ ଆମ୍ବକୁ ସାରା ରାତି ପାଣିରେ ଭିଜାଇ ରଖନ୍ତୁ ଏବଂ ସକାଳୁ ଖାଆନ୍ତୁ ।

◆ ଶୁଖିଲା ଫଳ ବଦଳରେ ତାଜା ଫଳ ଏବଂ ପରିବା ଖାଇଲେ ଏହି ସମୟରେ ଦେହ ଭଲ ରହିଥାଏ ।

◆ ଖରାଦିନେ ଆପଣ ପାଣିରେ ତୁଳସୀ ପତ୍ର ବା ମଂଜି ପକାଇ ପରେ ତାକୁ ଛାଣି ପିଅନ୍ତୁ । ଏହା ଶରୀରକୁ ଥଣ୍ଡା ରଖିବା ସହ ମନକୁ ବି ତାଜା ରଖିବ ।

◆ ଖରାଦିନରେ ପିଉଥିବା ଜୁସ୍‌ରେ କମ୍ ଚିନି ଏବଂ ଅଧିକ ଫଳ ପକାନ୍ତୁ ।

◆ ସାଲାଡ଼ୁ ନିୟମିତ ଖାଆନ୍ତୁ ।

◆ ଖରାଦିନେ ଲେମ୍ବୁପାଣି, ପଇଡ଼ ପାଣି, ଲହୁଣି ମିଶ୍ରିତ କ୍ଷୀର ପିଅନ୍ତୁ ।

◆ ଏହି ଋତୁରେ ଶର୍କରା ଜାତୀୟ ଖାଦ୍ୟ ଯେମିତି - ମହୁ, ଗୁଡ଼ ଓ ଚିନିଠାରୁ ଦୂରେଇ ରହିବା ଭଲ । ମିଠା ଖାଇବାକୁ ଇଚ୍ଛା ହେଲେ ମିଠା ଫଳ ଖାଆନ୍ତୁ ।

◆ ଅତ୍ୟଧିକ ଗରମ, ରାଗଯୁକ୍ତ, ଲୁଣଯୁକ୍ତ ଖାଦ୍ୟଠାରୁ ଯେତେ ଦୂରେଇ ରହିବେ ସେତେ ଭଲ ।

◆ ତେଲରେ ଛଣାଯାଇଥିବା ଖାଦ୍ୟ ଯେମିତି ବରା, ସିଙ୍ଗଡ଼ା ବିଭିନ୍ନ ପ୍ରକାର ଚିପ୍ସ, ଭୁଜିଆ ଇତ୍ୟାଦି ଠାରୁ ଗ୍ରୀଷ୍ମରେ ଦୂରେଇ ରହିବା ଭଲ ।

◆ ଖରାଦିନେ ରାତି ଜଣା ପଡ଼େନାହିଁ । ଲୋକେ ବହୁତ ଡ଼େରିରେ ଶୁଅନ୍ତି । ପୁଣି ଗରମରେ ବି ଭଲ ନିଦ ହୁଏନି । ଅନିଦ୍ରା ରହି ଟିକେ ପରିଶ୍ରମରେ ହାଲିଆ ଲାଗେ, ମାନ୍ଦା, ମାନ୍ଦା ଅନୁଭୂତ ହୁଏ । ତେଣୁ ଯଥେଷ୍ଟ ପରିମାଣରେ ଶୋଇବା ପ୍ରତି ଦୃଷ୍ଟି ଦିଅନ୍ତୁ । ଚା'କଫି କମାଇ ଦିଅନ୍ତୁ । ରାତିରେ ଅଳ୍ପ ଖାଆନ୍ତୁ ।

◆ ଖରାଦିନେ ସକାଳୁ ଉଠନ୍ତୁ । ସମ୍ଭବହେଲେ ମର୍ଣ୍ଣିଂଓ୍ୱାକ୍‌ରେ ଯାଆନ୍ତୁ । ମର୍ଣ୍ଣିଂଓ୍ୱାକ୍ ଆପଣଙ୍କ ପୂରା ଦିନକୁ ସତେଜ କରିଦେବ ।



# ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳି :୧୫ ବର୍ଷରେ ଅଂଚଳବାସୀଙ୍କର ସମସ୍ୟା ଓ ସମାଧାନ ହିଁ ପ୍ରାର୍ଥୀଙ୍କ ବିଜୟର ମୁଖ୍ୟ କାରଣ ହେବ

ରାଉରକେଲା, ୧୫/୫ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାର ଅନ୍ୟତମ ନିର୍ବାଚନ ମଣ୍ଡଳୀ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ମନରେ ଗୋଟିଏ କଥା କିଏ ସବୁବେଳେ ସେମାନଙ୍କ ସହ ରହିଛି ଅଂଚଳର ନାନା ସମସ୍ୟାର ସମାଧାନ ଲାଗି ଯିଏ ତତ୍ପର ହୋଇଛି ସେ ହିଁ ଏଥର ସେମାନଙ୍କର ଆର୍ଶିବାଦ ପାଇବ, ଯିଏ ଲୋକଙ୍କ ସହ ଛଳନା କରିଛି ଲୋକଙ୍କୁ ଦେଖା ଦେଇନି ସେ ଏଥର ଦୁରେଇଯିବ ଓ କ୍ଷମତାର ସ୍ୱପ୍ନ ଜୀବନରେ ଆଉ ଏ ଅଂଚଳରୁ ଦେଖିବା ତାଙ୍କ ଲାଗି ଦିବାସ୍ୱପ୍ନ ହୋଇଜିବ ବୋଲି ଛକ ବଜାରରେ ମତପ୍ରକାଶ ପାଇଛି ।

ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ୩ ଥର ବାଜିମାତ କରିଆସିଛି । ସୁବ୍ରତ ତରାଇ ୩ ଥର ବିଧାୟକ ହୋଇଛନ୍ତି । ଚଳିତ ଥର ତାଙ୍କ ବିରୋଧରେ ଏଥର ଟିକେଟ ଲାଗି ଅନେକ ଅଂଟା ଭିଡିଥିବା ବେଳେ ସେମାନଙ୍କ ଭିତରୁ ଜଣକୁ ବିଜେଡି ସଚିବ ପଦ ଦେଇ ନୀରବ କରାଯାଇ ସୁବ୍ରତଙ୍କୁ ଟିକେଟ ନଦେଇ ତାଙ୍କ ପତ୍ନୀ ରଶ୍ମିରେଖା ବେହେରାଙ୍କୁ ଟିକେଟ ଦେଇ ନିର୍ବାଚନୀ ବୈତରଣୀ ପାର ହେବାକୁ ଯୋଜନା କରିଛି । ସେପଟେ ଅଂଚଳର ପୁରାତନ ବିଜେପି ନେତା ଦୁର୍ଗା ତନ୍ତୀ ବିଜେପିରୁ ପ୍ରର୍ଥୀ ହୋଇଥିବା ବେଳେ କଂଗ୍ରେସରୁ ଶ୍ରମିକ ନେତା ଗୋପାଳ ଦାସ ବିଧାୟକ ପ୍ରର୍ଥୀ ହୋଇଛନ୍ତି । ତେବେ ଅଂଚଳ ବାସୀଙ୍କ କହିବା କଥା, ସେମାନେ ୩ ଥର ସୁବ୍ରତଙ୍କୁ ଜିତାଇଥିଲେ ହେଲେ ଅଂଚଳରେ ବେକାରୀ ସମସ୍ୟା ସମାଧାନ ହେବା ସ୍ୱପ୍ନ ହୋଇଗଲା, ଆରଏସପିରେ ଶ୍ରମିକ ମାନଙ୍କୁ ସର୍ବ ନିମ୍ନ ମଜୁରୀ ମିଳୁନି, ବସ୍ତି ଅଂଚଳରେ ପାଣି, ବିଜୁଳୀ, ରାସ୍ତା ଘାଟର ସମସ୍ୟା ଲାଗି ରହିଛି । ସ୍ୱାସ୍ଥ୍ୟ ସମସ୍ୟା ଲାଗି ସେମାନେ ବାରଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନାନା ଯୋଜନା ସେମାନଙ୍କ କାମରେ ଆସୁନି ତେଣୁ ଏଥର ସେମାନେ ନୂଆ ମୁହଁ, ଯିଏ ସେମାନଙ୍କ ପାଖରେ ସବୁବେଳେ ରହିବ ସେମାନଙ୍କ ଦୁଃଖ ବୁଝିବ ସେହିଭଳି ଲୋକଙ୍କୁ ଏଥର ସେମାନେ ଜିତାଇବେ ବୋଲି ମତ ଦେଇଛନ୍ତି । ଏଭଳି ମତ ପରିବା ବଜାର ଠାରୁ ଆରମ୍ଭ କରି ବିଭିନ୍ନ ବସ୍ତିରେ ଆଲୋଚନା ଚାଲିଛି । ଏହି ନିର୍ବାଚନମଣ୍ଡଳୀରେ ସେକ୍ଟର ଅଂଚଳ ଠାରୁ ଆରମ୍ଭ କରି, ସାରନଗରୀ, ଲାଠିକଟା ଅଂଚଳ ସାମିଲ ରହିଛି । ଅଂଚଳରେ ଶିଳ୍ପର ଉନ୍ନତି ନହେବା ସଙ୍ଗକୁ, କିଛି ଠିକାଦାର ଓ ଗୁଣ୍ଡାଙ୍କ ମେରୀ ରାୟ ଶାସନ ମଧ ଏଥର ଲୋକଙ୍କୁ ତାର ବିରୋଧରେ ଭୋଟ ଦେବାକୁ ବାଧ କରିବ ବୋଲି କୁହାଯାଉଛି । ଖାଲି ସେତିକି ନୁହେଁ ପୁଲିସ ର ଅତ୍ୟାଚାର ମଧ ଏଥର ନିର୍ବାଚନୀ ପ୍ରସଙ୍ଗ ଏହି ନିର୍ବାଚନରେ ଦେଖିବାକୁ ମିଳିବ ବୋଲି କୁହାଯାଉଛି । ଏଭଳି ଅଶାନ୍ତିର ଲହର ବର୍ତମାନ ଶୁଦ୍ଧା ଲାଗି ରହିଥିବା ବେଳେ, ଏହାକୁ ବିଜେଡି ପ୍ରାର୍ଥୀ କେତେ ମ୍ୟାନେଜ କରିବେ ଓ ବିରୋଧୀ ଏଥିରୁ କେତେ ଫାଇଦା ନେବେ ତାହା ସମୟ କହିବ ।

# ସ୍ୱାଭିମାନ ଅଞ୍ଚଳରେ ଭୋଟ୍ ବର୍ଷା: ୨୦୧୯ରେ ୨୬% ହୋଇଥିଲା, ୨୦୨୪ରେ ୭୧% ହେଲା

ମାଲକାନଗିରି, ୧୫/୫ (ନି.ପ୍ର): କେବେ ଅପବାଦ ମୁଣ୍ଡାଇଥିଲା । ଏବେ ନୂଆ ନୂଆ ରେକର୍ଡ କରୁଛି ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ । ସଦ୍ୟ ଶେଷ ହୋଇଥିବା ନିର୍ବାଚନ ପୁଣି ଗୋଟିଏ ରେକର୍ଡ କରିଛି । ୭୧ପ୍ରତିଶତ ଭୋଟର ଏଥର ନିର୍ବାଚନରେ ନିଜ ଅଧିକାର ସାବ୍ୟସ୍ତ କରିଛନ୍ତି । ଯଦି ୭ବର୍ଷ ପଛକୁ ଫେରିବା ତେବେ ସ୍ୱାଭିମାନ ଅଞ୍ଚଳରେ ନକ୍ସଲଙ୍କ ଶାସନ ଚାଲିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ୨୦୧୭ ମସିହାରେ ସାରା ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହୋଇଥିଲା । କେବଳ ଚିତ୍ରକୋଣ୍ଡା ବ୍ଲକରେ ନିର୍ବାଚନ କରାଇ ପାରିନଥିଲେ ସରକାର । ଭୋଟ ଦେଲେ ଅଙ୍ଗୁଳି କାଟିବାର ଚେତାବନୀ ଦେଇଥିଲେ ମାଓବାଦୀ । ପୋଲିଂ ପାର୍ଟିକୁ ଅପହରଣ କଲେ । ତେଣୁ ନିର୍ବାଚନ ପରିଚାଳନା ନିମନ୍ତେ କୌଣସି ପୋଲିଂ କର୍ମଚାରୀ ରାଜି ହୋଇନଥିଲେ । ମାଓବାଦୀଙ୍କ ଭୟ କେବଳ ଭୋଟରଙ୍କୁ ନଥିଲା, ସରକାର ମଧ ମାଓବାଦୀଙ୍କୁ ସେହି ସମୟରେ ଏକପ୍ରକାର ଭୟ କରିଥିଲେ । ଯାହାଫଳରେ ଜନପ୍ରତିନିଧି ପାଇବାରୁ ବଞ୍ଚିତ ହେଲା ସଂପୂର୍ଣ୍ଣ ବ୍ଲକ । ବିନା ଜନପ୍ରତିନିଧିରେ ଉନ୍ନୟନ କାର୍ଯ୍ୟ ପ୍ରାୟ ଠପ୍ ହୋଇଗଲା । ଏଥିପାଇଁ ସରକାର ତୀବ୍ର ସମାଲୋଚିତ ହୋଇଥିଲେ । ୨୦୧୮ ମସିହା ବେଳକୁ ସ୍ୱାଭିମାନ ଅଞ୍ଚଳରେ ବଡ଼ ପରିବର୍ତ୍ତନ ହେଲା । ଅଞ୍ଚଳ ସହ ନୂଆ ସଂପର୍କ ଯୋଡ଼ିଲା ଗୁରୁପ୍ରିୟା ସେତୁ । ନୂଆ ବିଏସ୍ଏଫ୍ କ୍ୟାମ୍ପ ସ୍ଥାପନ ସହ ପ୍ରତି ଗାଁକୁ ରାସ୍ତା କାମ ଗତିଶୀଳ ହେଲା । ଲୋକଙ୍କୁ ନିଜ ଘର ପାଖରେ ସରକାରୀ ସୁବିଧା ତଥା ସୁଯୋଗ ମିଳିଲା । ଘନଘନ କମ୍ବିଂ ଅପରେସନ ଏବଂ କିଛି ବଡ଼ ଏନ୍‌କାଉଣ୍ଟର ଯୋଗୁଁ ମାଓବାଦୀ ପଛଘୁଞ୍ଚା ଦେଲେ । ପରିସ୍ଥିତି ଏମିତି ହେଲା ଯେ, ଯେଉଁ ମାଓବାଦୀ ପୂର୍ବରୁ ଭୟର ବାତାବରଣ ସୃଷ୍ଟି କରିଥିଲେ ଏବେ ସୁରକ୍ଷା କର୍ମୀଙ୍କୁ ଦେଖି ନିଜେ ଭୟଭୀତ ହେଲେ । ଯାହାଫଳରେ ୨୦୨୨ ମସିହାରେ ପଞ୍ଚାୟତ ନିର୍ବାଚନ ସମ୍ଭବ ହୋଇପାରିଲା । ବିନା ବାଧାରେ ଏବଂ ବିନା ସଂକୋଚରେ



ଲୋକେ ନିଜ ପ୍ରତିନିଧିଙ୍କୁ ବାଛିଲେ । ତଥାପି ପୂର୍ବ ସ୍ଥିତିକୁ ଆକଳନ ପରେ ୨୦୨୪ ନିର୍ବାଚନ କେମିତି ହେବ ତାହା ପ୍ରଶାସନ ଏବଂ ପୁଲିସ ପାଇଁ ଚ୍ୟାଲେଞ୍ଜ ଥିଲା । କାରଣ ୨୦୧୯ ନିର୍ବାଚନରେ ମାତ୍ର ୨୬ ପ୍ରତିଶତ ଭୋଟିଂ ହୋଇଥିଲା । ସ୍ୱାଭିମାନ ଅଞ୍ଚଳର ୧୮,୫୨୭ ଭୋଟରଙ୍କୁ ମଧ୍ୟରୁ ମାତ୍ର ୪,୮୩୭ଜଣ ମତଦାନ କରିଥିଲେ । ମୋଟ ୨୩ଟି ବୁଥ୍ ମଧ୍ୟରୁ ୧୨ଟି ବୁଥ୍‌ରେ ନକ୍ସଲ ଭୟ ଯୋଗୁଁ ଗୋଟିଏ ବି ଭୋଟ୍ ପଡ଼ିନଥିଲା । ଅନ୍ୟ ୧୧ଟି ବୁଥରେ କମ୍ ସଂଖ୍ୟାରେ ମତଦାନ ହୋଇଥିଲା । କିନ୍ତୁ ଗତକାଲିର ଚିତ୍ର ଏବଂ ମତଦାନ ହାର ସବୁ ଆଶଙ୍କା ଏବଂ ଦ୍ୱନ୍ଦ୍ୱକୁ ଦୂର କରିଛି । ୯ଟି ପଞ୍ଚାୟତର ୧୯,୫୭୭ ଭୋଟରଙ୍କ ମଧ୍ୟରୁ ୧୩,୯୧୩ ଜଣ ମତଦାନ କରିଛନ୍ତି । ମାଓଗଡ଼ ଭାବେ ପରିଚିତ ଯନ୍ତ୍ରୀରେ ୭୫ ପ୍ରତିଶତ ଏବଂ ସନ୍ନ୍ୟାସୀଗୁଡ଼ାରେ ୬୮ ପ୍ରତିଶତ ମତଦାନ ହୋଇଛି । ବଡ଼ କଥା ହେଲା ଯନ୍ତ୍ରୀ ପଞ୍ଚାୟତର ଦୁଇଟି ବୁଥ୍‌ରେ ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ ସମୟ ପରେ ଲୋକେ ମତଦାନ ପାଇଁ ନିଜ ଘରୁ ବାହାରିଥିଲେ । ସୁରକ୍ଷା ବ୍ୟବସ୍ଥା ବି ଲୋକଙ୍କ ଭୟ ଦୂର କରିବାରେ ସକ୍ଷମ ହୋଇଥିଲା । ମତଦାନର ଏହି ଶ୍ରେୟ ଏବେ ବିଡିଓ ତନ୍ମୟ ପାତ୍ର, ଜିଲ୍ଲାପାଳ ସଚିନ ପ୍ୱାର ଏବଂ ଏସ୍‌ପି ନୀତୀଶ ବାଧବାନୀଙ୍କୁ ଦିଆଯାଉଛି । ସେହିପରି ବିଏସ୍ଏଫ୍‌ର କଠିନ ପରିଶ୍ରମକୁ ମଧ ପ୍ରଶଂସା କରାଯାଉଛି ।

## ରେଳ ଧାରଣାରୁ ଦୁଇ ଅଚିହ୍ନା ମୃତ ଦେହ ଉଦ୍ଧାର

ଖୋର୍ଦ୍ଧା, ୧୫/୫ (ନି.ପ୍ର): ଖୋର୍ଦ୍ଧା ରୋଡ ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନ ନିକଟବର୍ତୀ ଅଂଚଳରୁ ଦୁଇ ଜଣ ଜଣ ବ୍ୟକ୍ତିଙ୍କ ଶବ ଜବତ ହୋଇଛି । କାଳିଜାଇ ଓ ଖଲ୍ଲିକୋଟ ରେଳ ଷ୍ଟେସନ ମଧବର୍ତୀ ଟ୍ରାକରୁ ଜଣଙ୍କର ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟଟି ବାଲୁଗାଁ ରେଳ ଷ୍ଟେସନ ନିକଟରୁ ଜିଆରପି ଜବତ କରିଛି । ହେଲେ ଉଭୟ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଜଣେ ବ୍ୟକ୍ତିଙ୍କ ମୃତ୍ ଶରୀର ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ବେଳେ ଅନ୍ୟ ଜଣଙ୍କ ଶବକୁ ଗଞ୍ଜାମ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯିବ ବୋଲି ବୋଲି ଆରପିଏଫ ପକ୍ଷରୁ ସୂଚନା ମିଳିଛି ।

# ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ : ଉତ୍ତ୍ୟକ୍ତ ଲୋକେ କଲେ ରାସ୍ତା ଅବରୋଧ

ମାଲକାନଗିରି, ୧୫/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦରରୁ କାଲିମେଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ । ପରିବାର ଓ ଉତ୍ୟକ୍ତ ଲୋକେଙ୍କ ରାସ୍ତା ରୋକ । ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି ରୁ କାଲିମେଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ତପନ ମଣ୍ଡଳ ନାମକ ବ୍ୟକ୍ତି ମୋଟର ସାଇକେଲ ଯୋଗେ ଏମ୍ଭି ୧୮ ଗ୍ରାମର ଗ୍ରାମକୁ ଯାଉଥିବା ବେଳେ ଗ୍ରାମ ନିକଟରେ ଗୋଟିଏ ଚାଉଳ ମିଲ ନିର୍ମାଣରେ ନିୟୋଜିତ ଗୋଟିଏ ଦୁର୍ଘଟଣା ଗସ୍ତ ଟ୍ରାକ୍ଟରଟିକୁ ଗୋଟିଏ ଜେସିବି ମେସିନ ଦ୍ୱାରା ରାସ୍ତା ଅବରୋଧ କରି ଟୋଚନ କରି ଉଦ୍ଧାର କରାଯାଉଥିଲା । ମୁଖ୍ୟ ରାସ୍ତା ଅବରୋଧ ହୋଇଥିବାରୁ ତପନ ନିଜ ଗାଡିକୁ ଆୟତ ମଧରେ ରଖି ପରି ନଥିଲେ ଏବଂ ଉକ୍ତ ଟୋଚନ ତାରରେ ପିଟି ହୋଇ ଯାଇଥିଲେ । ଯାହା ଫଳରେ ତାଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା, ତୁରନ୍ତ ତାଙ୍କୁ ସ୍ଥାନୀୟ ଲୋକେ ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତପନଙ୍କୁ ମୃତ ଘୋଷଣା କରିଥିଲେ । ତେବେ ମୁଖ୍ୟ ସଡକ ଉପରେ ଅସାବଧନତା ଭାବେ କିପରି ଭାବେ ଦୁର୍ଘଟଣା ଗସ୍ତ ଟ୍ରାକ୍ଟରକୁ ଉଦ୍ଧାର କରାଯାଉଥିଲା ଏବଂ ଅସାବଧନତା ହେତୁ ତପନଙ୍କ ଜୀବନ ଯାଇଥିବା ଅଭିଯୋଗ କରି ତପନଙ୍କ ପରିବାର ଓ ଗ୍ରାମବାସୀ ଉତ୍ୟକ୍ତ ହୋଇ କ୍ଷତି ପୂରଣ ଓ ନ୍ୟାୟ ଦାବିରେ ଉକ୍ତ ନିର୍ମାଣ ଧୀନ ମିଲର ମାଲିକ ମଣି ଶଙ୍କର ମଜୁମଦାରଙ୍କ ଅନ୍ୟ ଏକ ଚାଉଳ ମିଲ ସମ୍ମୁଖରେ ଏକତ୍ରିତ ହୋଇ ମୁଖ୍ୟ ରାସ୍ତାରେ ଅବରୋଧ କରି ରାସ୍ତା ରୋକ କରିଥିଲେ । ରାସ୍ତା ରୋକ ଯୋଗୁଁ ଗାଡି ମୋଟର ଯାତାୟତରେ ବାଧା ଉପୁଜିଥିବା ବେଳେ ପୋଲିସ ପହଂଚି ଲୋକଙ୍କୁ ବୁଝାସୁଝା କରିଥିଲା । ମାଲକାନଗିରି ଏସଡିପିଓ ସଚିନ ପଟେଲ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବହୁ ବୁଝାସୁଝା କରିବା ପରେ ରାସ୍ତା ରୋକରୁ ଲୋକେ ଉଠିବା ପରେ ଯାନ ବହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ତେବେ ନ୍ୟାୟ ନମିଳିଲେ ପୁନଃ ରାସ୍ତା ଅବରୋଧ କରିବାକୁ ଲୋକେ ଚେତାବନୀ ଦେଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣା ପଡିଛି ।

# ଅଘୋଷିତ ମେଂଟ ବିରୋଧରେ ଓଡ଼ିଶାବାସୀଙ୍କ ଆଗରେ କଂଗ୍ରେସ ଏକମାତ୍ର ବିକଳ୍ପ : ଜୟରାମ ରମେଶ

ଭୁବନେଶ୍ୱର, ୧୫/୫ (ନି.ପ୍ର): ଓଡ଼ିଶାରେ ବିଜେଡି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏଠାରେ ବିଜେଡି ଓ ବିଜେପି ମେଂଟ ବନାମ କଂଗ୍ରେସ ଲଢ଼େଇ ହେଉଛି । ତେଣୁ ଏହି ଜନବିରୋଧୀ ଅଘୋଷିତ ମେଂଟ ବିରୋଧରେ ଓଡ଼ିଶାବାସୀଙ୍କ ଆଗରେ କଂଗ୍ରେସ ମାତ୍ର ଗୋଟିଏ ବିକଳ୍ପ ରହିଛି । ଆଉ କଂଗ୍ରେସ ସର୍ବଦା ସାଧାରଣ ଜନତାଙ୍କ ସହିତ ରହିଆସିଛି ବୋଲି ରାଜ୍ୟସଭା ସାଂସଦ ତଥା ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ।

ଓଡ଼ିଶା ଗସ୍ତ ଅବସରରେ ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରମେଶ କହିଲେ ଯେ, ବର୍ତମାନ କେବଳ ନିର୍ବାଚନ ପାଇଁ ବିଜେଡି ଓ ବିଜେପି ଓଡ଼ିଆ ଭାଷା ଓ ଅସ୍ମିତାର କଥା କହୁଛନ୍ତି । ବାସ୍ତବରେ ଓଡ଼ିଆ ଭାଷା ଓ ଅସ୍ମିତା ପାଇଁ ସେମାନଙ୍କର କୌଣସି ଆନ୍ତରିକତା ନାହିଁ । ସଂସଦରେ ଓଡ଼ିଆ ଭାଷାକୁ ନେଇ ୨୦୨୦ ମାର୍ଚ୍ଚ ୧୬ରେ ମୁଁ ପ୍ରସଙ୍ଗ ଉଠାଇଥିଲି । ମୋଦି ସରକାରଙ୍କ କାର୍ଯ୍ୟକାଳରେ ସଂସ୍କୃତ ଭାଷା ପାଇଁ ୬,୫୦୦ କୋଟି ଟଙ୍କା ଦିଆଯାଇଥିବା ବେଳେ ଓଡ଼ିଆ ଭାଷା ପାଇଁ ଟଙ୍କାଟିଏ ମଧ ଦିଆଯାଇନାହିଁ । କିନ୍ତୁ ମନମୋହନ ସିଂହଙ୍କ ସମୟରେ ୬ଟି ଭାଷା ସଂସ୍କୃତ, ତାମିଲ, ମାଲାୟଲମ, କନ୍ନଡ, ତେଲୁଗୁ ଏବଂ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିଆଯାଇଥିଲା । ବର୍ତମାନ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ଓ ବିଜେଡି ବିରୋଧରେ ଲୋକ ଦେଖାଣିଆ ଭାଷଣ ଦେଉଛନ୍ତି । ବିଜେଡି ନେତାମାନେ ମଧ ପ୍ରଚାର ମଇଦାନରେ ବିଜେପିକୁ ସମାଲୋଚନା କରୁଛନ୍ତି । ତେବେ ଏସବୁ କେବଳ ଓଡ଼ିଶାବାସୀଙ୍କୁ ଭଣ୍ଡାଇବା ପାଇଁ ଚାଲିଛି । ଯଦି ମୋଦି ସରକାରଙ୍କର ବିଜେଡି ସହିତ ବୁଝାମଣା ନାହିଁ, ତେବେ ଓଡ଼ିଶାରେ ହୋଇଥିବା ସବୁଠାରୁ ବଡ଼ ଖଣି ଦୁର୍ନୀତି ଓ ଚିଟ୍‌ଫଣ୍ଡ୍ ଦୁର୍ନୀତିର ସିବିଆଇ ତଦନ୍ତକୁ କାହିଁକି ଚାପି ଦିଆଯାଇଛି ବୋଲି ଶ୍ରୀ ରମେଶ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ସଂସଦରେ ସବୁବେଳେ ବିଜେଡି ବିଜେପିକୁ ସମର୍ଥନ ଦେଇଆସିଛି ।

ସେହିପରି ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରି ଶ୍ରୀ ରମେଶ କହିଲେ ଯେ ଦେଶରେ ଏମିତି କେହି ମୁଖ୍ୟମନ୍ତ୍ରୀ ନାହାନ୍ତି, ଯିଏକି ଦୀର୍ଘ ୨୪ବର୍ଷ ମଧରେ ପଦଟିଏ ହେଲେ କହିନାହାନ୍ତି । ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବା ଏ ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ଶୁଭଙ୍କର ନୁହେଁ । ଯେତେବେଳେ ସଂସଦରେ କୃଷକ ବିରୋଧୀ ଆଇନ, ଆଦିବାସୀ ବିରୋଧୀ ଆଇନ ଓ ଜମି ଅଧିକାର ବିରୋଧରେ ଆଇନ ଆସିଲା ସେତେବେଳେ ବିଜେଡି ସାଂସଦମାନେ କାହିଁକି ବିରୋଧ କଲେ ନାହିଁ? ସାମାଜିକ, ଆର୍ଥିକ ଜାତି ଜନଗଣନାକୁ ବିଜେଡି ସରକାର ସମର୍ଥନ କରିବେ କି ନାହିଁ ବୋଲି ଶ୍ରୀ ରମେଶ ପ୍ରଶ୍ନ କରିଛନ୍ତି । ଓଡ଼ିଶାରେ ବିଜେଡି ସରକାର ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର ଓ ପେସା ଆଇନକୁ ବନ୍ଦ କରିଦେଇଛନ୍ତି । ଆଦିବାସୀଙ୍କ ଜମି ହଡ଼ପ କରିବା ସହ ଖଣି, ପାଣି ଆଦି ପ୍ରାକୃତିକ ସମ୍ପଦକୁ ବିକ୍ରି କରିଦେଇଛନ୍ତି । ହେଲେ ଏହା ବିରୋଧରେ ସିବିଆଇ କିମ୍ବା ଇଡି ତଦନ୍ତ ହେଉନାହିଁ ।

ଏହି ଅବସରରେ କଂଗ୍ରେସର ଇସ୍ତାହାର ସମ୍ପର୍କରେ ସୂଚନା ଦେଇ ସେ କହିଲେ ଯେ କଂଗ୍ରେସ ୫ ନ୍ୟାୟ ଓ ୨୫ ଗ୍ୟାରେଂଟିକୁ ନେଇ ନିର୍ବାଚନ ଲଢୁଛି । ଏହା ନାରୀ ନ୍ୟାୟ, କୃଷକ ନ୍ୟାୟ, ଯୁବା ନ୍ୟାୟ, ଶ୍ରମିକ ନ୍ୟାୟ ଓ ଭାଗିଦାରୀ ନ୍ୟାୟ ଉପରେ ଆଧାରିତ । କଂଗ୍ରେସ କ୍ଷମତାକୁ ଆସିଲେ ପ୍ରତ୍ୟେକ ଗରିବ ପରିବାରର ଜଣେ ମହିଳାଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ପ୍ରଦାନ ସହ ସମସ୍ତ ସ୍ନାତକ ଡିଗ୍ରୀଧାରୀଙ୍କ ପ୍ରଥମ ନିଯୁକ୍ତି ପକ୍କା କରାଯିବ । ଏଥିସହ ବିଧାନସଭା କ୍ଷେତ୍ରରେ ମଧ କଂଗ୍ରେସ ସ୍ୱତନ୍ତ୍ର ଭାବେ ଅଲଗା ଇସ୍ତାହାର ପ୍ରସ୍ତୁତ କରିଛି । ତେଣୁ ଓଡ଼ିଶାବାସୀ ଉଭୟ ଲୋକସଭା ଓ ବିଧାନସଭା ଆସନରେ କଂଗ୍ରେସକୁ ବିଜୟୀ କରିବାକୁ ସେ ଅନୁରୋଧ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ଗଣମାଧମ ଓ ଯୋଗାଯୋଗ ବିଭାଗ ଅଧକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଡ. ରାମଚନ୍ଦ୍ର ଖୁଂଟିଆ, ଶିବାନନ୍ଦ ରାୟ, ଏଆଇସିସି ମିଡିଆ ସଂଯୋଜକ ପ୍ରଭାତ କୁମାର ଓ ରିତୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋଡା ଗ୍ରାମରେ ଦନ୍ତାର ଆତଙ୍କ: ବ୍ୟାପକ ଫସଲ କ୍ଷୟକ୍ଷତି

ଖୋର୍ଦ୍ଧା, ୧୫/୫ (ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ଗୋଡା ଗ୍ରାମରେ ଏକ ଗୋଠ ଛଡ଼ା ଦନ୍ତା ପଶି ବ୍ୟାପକ କ୍ଷତି କରିଛି । ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଂଚି ହାତୀଟିକୁ ଘଉଡାଇ ଥିଲେ । ହେଲେ ଦନ୍ତା ଟି ଆଜି ପୁଣି ଗାଁ ଭିତରେ ପଶିବାରୁ ଲୋକଙ୍କ ମଧରେ ଆତଙ୍କ ସୃଷ୍ଟି କରିଛି । ବର୍ତମାନ ବନବିଭାଗ କର୍ମଚାରି ଘଟଣାସ୍ଥଳରେ ପହଂଚି ପୁଣି ଦନ୍ତାଟିକୁ ଘଉଡ଼ାଇବା ପାଇଁ ଚେଷ୍ଟା ଚଳାଇଥିବା ଜଣାଡ଼ିଛି ।

# କୋଟିଆରେ ନିର୍ବାଚନ ଅଧିକାରୀ ଓ ପୋଲିସ ପ୍ରଶାସନ କାର୍ଯ୍ୟ ନିନ୍ଦନୀୟ

ଭୁବନେଶ୍ୱର, ୧୫/୫ (ନି.ପ୍ର): ଗତକାଲିର ସାଧାରଣ ନିର୍ବାଚନରେ କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକର କୋଟିଆ ଗ୍ରାମ ପଂଚାୟତବାସୀ ବେଆଇନ ଭାବେ ଉଭୟ ଓଡିଶା ଓ ଆନ୍ଧ୍ର ପ୍ରଦେଶରେ ମତଦାନ କରିଛନ୍ତି । ଏହି ବେଆଇନ ମତଦାନକୁ ସହଯୋଗ କରିଥିବା ନିର୍ବାଚନ ଅଧିକାରୀ ଓ ସ୍ଥାନୀୟ ପୋଲିସ ପ୍ରଶାସନର କାର୍ଯ୍ୟକୁ ଦୃଢ ଭାବେ ନିନ୍ଦା କରିଛି ଉତ୍କଳ ସମ୍ମିଳନୀ । ଉତ୍କଳ ସମ୍ମିଳନୀ ପକ୍ଷରୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ଯେ, ନିର୍ବାଚନ ପରିଚାଳନା କରୁଥିବା ପୋଲିଂ ଦଳ କୋଟିଆ ମତଦାତା ମାନଙ୍କ ଆଙ୍ଗୁଠିରେ କାଳି ନଲଗାଇ କିପରି ଛାଡିଦେଲେ ଓ ରାଜ୍ୟ ସୀମା ସିଲ୍ ଥିବା ସମୟରେ ଆନ୍ଧ୍ର ଏଜେଂଟମାନେ କିପରି ସ୍ୱତନ୍ତ୍ର ଗାଡିରେ କୋଟିଆ ବାସୀଙ୍କୁ ଆନ୍ଧ୍ର ପୋଲିଂ ବୁଥକୁ ନେଇ ସେଠାରେ ମତଦାନ କରାଇ ପାରିଲେ ଆହା ଆଶ୍ଚର୍ଯ୍ୟ ଲାଗୁଛି । ଏଥି ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ନିର୍ବାଚନ ପରିଚାଳନା କରୁଥିବା ପୋଲିଂ ଦଳ ଓ ସ୍ଥାନୀୟ ପୋଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଆନ୍ଧ୍ର ଏଜେଂଟମାନଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଛି ।

# ନୂଆ ଭୋଟରଙ୍କୁ ଟାର୍ଗେଟ୍ କରୁଛନ୍ତି ସାଇବର ଠକ: ସଚେତନ କଲା ପୁଲିସ

ସମ୍ବଲପୁର, ୧୫/୫ (ନି.ପ୍ର): ନିର୍ବାଚନ ଋତୁକୁ ସାଇବର ଠକମାନେ ଫୁଲ୍‌ଦମ୍‌ରେ ବ୍ୟବହାର କରିଛନ୍ତି । ଭୋଟର ତାଲିକାରେ ନାମ ଯୋଡ଼ିବା ନାଁରେ ସେମାନେ ଠକେଇ ଆରମ୍ଭ କରି ଦେଇଛନ୍ତି । ଭୋପାଳର ସାଇବର କ୍ରାଇମ୍ ସେଲ୍‌ର ଅଧିକାରୀଙ୍କ ସୂଚନା ଅନୁଯାୟୀ, ମାସେ ମଧରେ ସାଇବର ଅପରାଧୀମାନେ ଏହି କଥା କହି ୩ ଜଣଙ୍କ ଠାରୁ ସାଢ଼େ ୩ ଲକ୍ଷ ଟଙ୍କା ଠକି ସାରିଲେଣି । ଓଡ଼ିଶାରେ ମଧ ସାଇବର ଠକମାନେ ଏହି ଉପାୟରେ ଠକେଇ କରିବା ପାଇଁ ଜାଲ ବିଛାଇବା ଆରମ୍ଭ କରି ଦେଲେଣି । ଭୋଟର ତାଲିକାରେ ନାଁ ଯୋଡ଼ିବା ପାଇଁ ନୂଆ ଭୋଟରଙ୍କୁ ଠକମାନେ ଟାର୍ଗେଟ୍ କରୁଛନ୍ତି । ନୂଆ ଭୋଟରଙ୍କ ମୋବାଇଲ୍ ନମ୍ବରକୁ କଲ୍ ଓ ମେସେଜ୍ କରି ନାଁ ଯୋଡ଼ିବା ପାଇଁ ବିଭିନ୍ନ ଲିଙ୍କ୍ ଦେଉଛନ୍ତି । ହ୍ୱାଟ୍ସଆପ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଟେଲିଗ୍ରାମ୍ ଭଳି ସାମାଜିକ ଗଣମାଧମରେ ମଧ କଲ୍ ଓ ମେସେଜ୍ କରି ତାଲିକାରେ ନାଁ ଯୋଡ଼ିବା ନାଁରେ ଜାଲ ବିଛାଉଛନ୍ତି । କେହି ଆଗ୍ରହ ପ୍ରକାଶ କଲେ ସେମାନଙ୍କୁ ନାଁ ଯୋଡ଼ିବା ପରେ ଅପଡେଟ୍ ହୋଇଥିବା ଭୋଟର ତାଲିକାର ସ୍କ୍ରିନ୍‌ସଟ୍ ପ୍ରମାଣ ଆକାରରେ ଦେବାକୁ ପ୍ରତିଶ୍ରୁତି ମଧ ଦେଉଛନ୍ତି । ସେମାନଙ୍କ କଥାକୁ ବିଶ୍ୱାସ କରି ଯଦି କେହି ଟଙ୍କା ଦେଉଛି, ତାପରେ ସେମାନେ ଆଉ ଯୋଗାଯୋଗ ରଖୁ ନାହାନ୍ତି । ସୂଚନା ଅନୁଯାୟୀ, ମୁଖ୍ୟତଃ ଝାଡ଼ଖଣ୍ଡ ଅଞ୍ଚଳରୁ ଏଭଳି କଲ୍ କରାଯାଉଛି ।




ତାଲିକାରେ ଝାଡ଼ଖଣ୍ଡର ପାଲାମୁ ଏବଂ ଡୁମକା ଭଳି ନାଁ ରହିଛି । ଏହାକୁ ଦୃଷ୍ଟିର ରଖି ସମ୍ବଲପୁର ପୁଲିସ ପକ୍ଷରୁ ଏକ ସଚେତନତା ବାର୍ତ୍ତା ଦିଆଯାଇଛି । ଏସ୍‌ପି ସମ୍ବଲପୁରଙ୍କ ଆକାଉଣ୍ଟରୁ ସାମାଜିକ ଗଣମାଧମରେ କରାଯାଇଥିବା ପୋଷ୍ଟରେ 'ଭୋଟର ତାଲିକାରେ ନିଜର ନାଁ ଯୋଡ଼ିବାକୁ କୌଣସି ଅଜଣା ଲିଙ୍କ୍ କିମ୍ବା ଫୋନ୍ କଲ୍‌କୁ ଭରସା କରନ୍ତୁ ନାହିଁ । ଭୋଟର ତାଲିକାରେ ନାଁ ଅପଡେଟ୍ କରିବା ପାଇଁ ନିର୍ବାଚନ କମିସନ କେବେ ବି କୌଣସି ଦେୟ ମାଗନ୍ତି ନାହିଁ' ବୋଲି ଉଲ୍ଲେଖ କରାଯାଇଛି । କୌଣସି ପ୍ରକାର ସନ୍ଦେହ ହେଲେ ସମ୍ବଲପୁର ସାଇବର ସେଲ୍ କିମ୍ବା ଓଡ଼ିଶା ପୁଲିସରେ ରିପୋର୍ଟ କରିବା ପାଇଁ କୁହାଯାଇଛି ।

# ବନ୍ଧକୁ ନେଇ ଦ୍ୱନ୍ଦ: ମାଲିକାନା କାହାର: ପୌର ପରିଷଦ ନା ନିଜର

ଜୟପୁର, ୧୫/୫ (ନି.ପ୍ର): ଜୟପୁର ରାଜବଂଶ ପ୍ରତିଷ୍ଠା ସମୟରୁ ଜୟପୁର ସହରରେ ରହିଛି ଏକାଧିକ ଐତିହ୍ୟ ସମ୍ପନ୍ନ ପୋଖରୀ । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ପୋଖରୀ ଗୁଡିକ ନିଜର ସ୍ଥିତି ହରାଇବା ସହ ଇତିହାସ ପାଲିଟିବାକୁ ବସିଥିଲେ । ସହରବାସୀଙ୍କ ପାନୀୟ ଜଳ ଠାରୁ ଆରମ୍ଭ କରି ଗାଧୁଆପାଧୁଆ ପାଇଁ ରାଜରାଜୁଡ଼ା ଅମଳରେ ସହରରେ ପୋଖରୀ ଖୋଳାଯାଇଥିବା ବେଳେ ଏବେ ପାନୀୟ ଜଳ ପାଇଁ ବ୍ୟବହାର କରିବା ଦୂରର କଥା ସ୍ନାନ ଶୌଚ ପାଇଁ ବି ଅନୁପଯୁକ୍ତ ହୋଇପଡିଛି । ଏପରିକି ଏବେ ଏହି ବନ୍ଧ ମଧ୍ୟରୁ ବନ୍ଧଘାଟର ମାଲିକାନାକୁ ନେଇବି ଦ୍ୱନ୍ଦ ଉପୁଜିଛି । ଯଦିଓ ପୌରପାଳିକା ଅଧିନରେ ରହିଥିଲେ ହେଁ ମାଲିକାନା ଦ୍ୱନ୍ଦ ଦେଖା ଦେବା ପରେ ପୌରପାଳିକା ଏହାର ପୁନଃରୁଦ୍ଧାର କରି ନାହିଁ । ଫଳରେ ଏହା ପୋତି ହୋଇ ଗଲାଣି । ଏହାର ହୁଡା ଚାରିପାର୍ଶ୍ୱ ବି ଜବରଦଖଲକାରୀଙ୍କ କବଜାରେ । ସୂଚନାଯୋଗ୍ୟ, ହାଟପଦାରେ ଥିବା ବନ୍ଧଘାଟ ଅବସ୍ଥା ଏଭଳି ହୋଇଛି ଯେ ଏହା ପୋଖରୀ ବଦଳରେ ଖେଳ ପଡିଆର ଭ୍ରମ ସୃଷ୍ଟି କରୁଛି । ଅନାବନା ଲତାରେ ସଂପୂର୍ଣ୍ଣ ପୋଖରୀ ପରିପୂର୍ଣ୍ଣ ରହିଛି । ପୋଖରୀ ପାଣିର ଅବସ୍ଥା ଏଭଳି ଯେ ଏଠାରେ ସ୍ନାନ କଲେ ଚର୍ମ ରୋଗ ହେଉଥିବା ବି ଲୋକେ ଅଭିଯୋଗ କରିଛନ୍ତି । ପୌରପାଳିକା ଅଧିନରେ ଏହି ପୋଖରୀ ଗୁଡିକ ରହିଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ରାଜ୍ୟ ସରକାରଙ୍କ ଜଳାଶୟ ଉଦ୍ଧାରୀକରଣରେ ସାମିଲ ହୋଇପାରିନି । ଏ ନେଇ ଗତ ୯ ବର୍ଷ ତଳେ ଜଳାଶୟ ଉଦ୍ଧାର କାର୍ଯ୍ୟ ପାଇଁ ପୌରପାଳିକାକୁ ଏକ ଚିଠି ଓ ସବିଶେଷ ତଥ୍ୟ ସମ୍ପନ୍ନ ଗାଇଡ୍ ଲାଇନ୍ ଆସିଥିଲା । କିନ୍ତୁ ସେହି ସମୟରେ ଦାୟିତ୍ୱରେ ଥିବା ପୌର ପରିଷଦ ଓ ନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁଁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଯୋଡି ହୋଇପାରିଲା ନାହିଁ । ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ବିନ୍ଦୁ ସାଗରର ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଥିବା ବେଳେ ସହରର ପୋଖରୀ ଗୁଡିକର ଉନ୍ନତିକରଣ ପାଇଁ ସ୍ଥାନୀୟ ପୌରପାଳିକାକୁ ଚିଠି ଆସିଥିଲା । ପୌର କର୍ତ୍ତୃପକ୍ଷ ଏଥିରେ ବି ଅଣଦେଖା କରିବାରୁ ଏହି ପୋଖରୀର ପୁନରୁଦ୍ଧାର ପାଇଁ ଆସିବାକୁ ଥିବା ଅର୍ଥ ପାଇବାରୁ ବଞ୍ଚିତ ହୋଇଥିଲା । ଅପରପକ୍ଷରେ ରାଜରାଜୁଡା ଅମଳରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଏହା ଦାନସୁତ୍ରରେ ଦେଇଥିଲା ରାଜବଂଶ ପରିବାର । କାଳକ୍ରମେ ସରକାର ୟୁନିୟନ ବୋର୍ଡ ବା ବର୍ତ୍ତମାନର ପୌରପାଳିକା ନିଜ ଅଧିନକୁ ନେଇ ଦେଖାରଖା କରୁଥିଲା । ଏପରିକି ପ୍ରତିବର୍ଷ ଏହାର ନିଲାମ ବି କରାଯାଉଥିଲା । ନିଲାମରେ ନେଇ କିଛି ବ୍ୟକ୍ତି ଏଠାରେ ମାଛ ଚାଷ କରି ଆସୁଥିଲେ । କାଳକ୍ରମେ ଏହାର ଦେଖାରଖା ନ କରିବା ଫଳରେ ଏହାର ହୁଡା ଚାରି ପାର୍ଶ୍ୱରେ ଲୋକେ ଜବରଦଖଲ କରି ଘର ନିର୍ମାଣ କରି ରହି ଆସୁଛନ୍ତି । ଧିରେ ଧିରେ ଏହି ବନ୍ଧଘାଟର ଅବସ୍ଥା ଶୋଚନୀୟ ହେବା ସହ ପୋତି ହୋଇଗଲାଣି । ଏହାର ମାଲିକାନା ପୌରପାଳିକାର ରହିଛି ନା ନାହିଁ ତାହାର ଯାଂଚ ତହସିଲଦାରଙ୍କ ଦ୍ୱାରା କରାଯିବ । ଯଦି ପୌରପାଳିକାର ନାଁରେ ଜମିର ମାଲିକାନା ବାହାରେ ତେବେ ଆମ ପୋଖରୀ ଯୋଜନାରେ ଏହାର ପୁନଃରୁଦ୍ଧାର କରାଯିବ ବୋଲି କହିଛନ୍ତି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ, ୧୫/୫ (ନି.ପ୍ର): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ସିନିଅର ସିଭିଲ ଜର୍ଜ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଆଇନଜୀବୀ ଭବାନୀଶଙ୍କରଙ୍କ ଅଧକ୍ଷତାରେ ଓ ବରିଷ୍ଠ ଆଇନଜୀବୀ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ପଟ୍ଟାମୁଣ୍ଡାଇ ନୂଆଗାଁ ସ୍ଥିତ ୟୁ ପି ବିଦ୍ୟାଳୟରେ ଆଜି ପୂର୍ବାହ୍ନ ୯ଟା ସମୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ଧୀରେନ୍ଦ୍ରନାଥ ସାହୁ ଶିଶୁ ଏବଂ ବୃଦ୍ଧାଙ୍କ ମାନଙ୍କର ଆଇନଗତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ଓ ତାର ସମାଧାନ କିପରି ତାଲୁକ ଆଇନ ସେବା ସମିତି ସହଜରେ ଶୀଘ୍ର ଏବଂ ମାଗଣାରେ କରିପାରୁଛି ତାହା ବର୍ଣନା କରିଥିଲେ । ଆଇନଜୀବୀ ଜିତେନ୍ଦ୍ର କୁମାର ନନ୍ଦୀ, ପି ଏଲ ଭି ସଭ୍ୟ ଧବଳେଶ୍ୱର ଖଣ୍ଡାଇ ବିଦ୍ୟାଳୟ ର ଶିକ୍ଷକ ସରସ୍ୱତୀ ପଣ୍ଡା, ଅନ୍ନପୂର୍ଣ୍ଣା ସାହୁ, ଓ ନୂଆଗାଁ ର ମହିଳା ମାନେ, ବିଦ୍ୟାଳୟ କମିଟିର ସଭାପତି ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀଙ୍କ ମାରାଥନ ନିର୍ବାଚନ ପ୍ରଚାର

କୁଚିଣ୍ଡା/ସମ୍ବଲପୁର, ୧୫/୫ (ନି.ପ୍ର): ଦୀର୍ଘ ୨୫ ବର୍ଷ ଧରି ଯେଉଁମାନେ ଓଡ଼ିଶାକୁ ଲୁଟ କରିଛନ୍ତି, ଏବେ ଓଡ଼ିଶାର ନେତୃତ୍ୱମାନଙ୍କୁ ଆଡେଇ ଦେବା ପାଇଁ ଷଡଯନ୍ତ୍ର କରିଛନ୍ତି, ସେମାନେ ହିଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଏଥର ନିର୍ବାଚନରେ ଓଡ଼ିଶାବାସୀ ବିଜେଡିକୁ ମୂଳପୋଛ କରିବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବୁଧବାର କୁଚିଣ୍ଡା ନିର୍ବାଚନମଣ୍ଡଳୀର ଭୋଜପୁର, କୁସୁମୀ, ଗୋଛରା, କେଶାଇବାହାଲ, ବାମରା ଓ ଗଡପୋଷ ସମେତ ଅନେକ ସ୍ଥାନରେ ନିର୍ବାଚନୀ ପ୍ରଚାର କରିଛନ୍ତି । ବିଭିନ୍ନ ଶୋଭାଯାତ୍ରାରେ ପଦ୍ମ ଫୁଲରେ ଭୋଟ୍ ଦେବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି । ଦଳ ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ ସେ କହିଛନ୍ତି ଯେ ଯେଉଁମାନେ ୨୫ ବର୍ଷ ହେବ ଗାଁରେ ପିଇବା ପାଣି ଦେଇନାହାନ୍ତି, ଜମିକୁ ଜଳସେଚନର ବ୍ୟବସ୍ଥା କରିନାହାନ୍ତି ସେମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଓଡ଼ିଶାରେ ଅନେକ ପରିମାଣରେ ପନିପରିବା ଉତ୍ପାଦନ ପରେ ମଧ୍ୟ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ବ୍ୟବସ୍ଥା ନାହିଁ । ସରକାରୀ ଡାକ୍ତରଖାନାରେ ଡାକ୍ତର ଦେଇନାହାନ୍ତି । ସ୍କୁଲରେ ଶିକ୍ଷକ ରଖିନାହାନ୍ତି । ଓଡ଼ିଶାର ଏକ ତୃତୀୟାଂଶ ଲୋକ ଭିଟାମାଟି ଛାଡି ବାହାର ରାଜ୍ୟରେ କାମ କରୁଛନ୍ତି । ଏଥିରୁ କୁମ୍ଭୀର କାନ୍ଦଣା କିଏ ହେଉଛି, ତାହା ଲୋକ ବିଚାର କରିବେ ।

୨୫ ବର୍ଷର ବିଜେଡି ସରକାରରେ କୁଚିଣ୍ଡା ଅବହେଳିତ । କୃଷିଭିତ୍ତିକ ଅଞ୍ଚଳରେ ଜମିକୁ ଜଳସେଚନ ହୋଇପାରୁନଥିବାରୁ ଚାଷୀମାନେ ଅସୁବିଧା ଭୋଗୁଛନ୍ତି । ମରୁଡ଼ି ହେଉଛି । ଜଙ୍ଗଲଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ରାଜ୍ୟ ସରକାର ଦେଉନାହାନ୍ତି । ପେସା ଆକ୍ଟ କାର୍ଯ୍ୟକାରୀ ହେଉନଥିବା ବେଳେ ଆଦିବାସୀଙ୍କୁ ସ୍ଥାୟୀ ପଟ୍ଟା ମିଳୁନାହିଁ । ଆଦିବାସୀଙ୍କ ଜମି ବିକିବା ପାଇଁ କିଏ କ୍ୟାବିନେଟ୍ ନିଷ୍ପତ୍ତି କରିଥିଲା ? ଦୀର୍ଘ ୨୫ ବର୍ଷରେ ଜମିକୁ ଜଳସେଚନ ବ୍ୟବସ୍ଥା ନକରିବା, ଶୀତଳ ଭଣ୍ଡାର ସ୍ଥାପନ ନ କରିବା କ'ଣ ରୂପାନ୍ତରଣ ? କୃଷିଭିତ୍ତିକ ଅଞ୍ଚଳ ଛେଣ୍ଡିପଦାରେ ଧାନ କିଣାରେ କଟନୀ-ଛଟନୀ ମଧ୍ୟ ହେଉଛି । ଏହା ବିରୋଧରେ ଲୋକେ ମେଳି ବାନ୍ଧିଛନ୍ତି । ଓଡ଼ିଶାରେ ଏଥର ପିଇବା ପାଣି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାର ଓ ମହିଳା ସୁରକ୍ଷା ପାଇଁ ପରିବର୍ତ୍ତନ ହେବ ।

ବିଜେପିର ସଂକଳ୍ପ ପତ୍ର ଉପରେ ସମବେତ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି କେନ୍ଦ୍ରମନ୍ତ୍ରୀ । ରାଜ୍ୟରେ ବିଜେପି ସରକାର ହେଲେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ଧାନ କିଣିବାର ୪୮ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଏହି ଅର୍ଥ ଦିଆଯିବ । କଟନୀଛଟନୀ ନାଁରେ ଚାଷୀଙ୍କୁ ଯେଉଁ ଶୋଷଣ ହେଉଛି, ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ । କେନ୍ଦୁପତ୍ର ବିଡା ୧.୬୦ ଟଙ୍କାରୁ ୨ ଟଙ୍କା ବୃଦ୍ଧି କରାଯିବ । ରାଜ୍ୟରେ ମୋଦୀ ସରକାରଙ୍କ ଏସଏଚଜି ସମୂହକୁ ନେଇ ୨୫ ଲକ୍ଷ ଲକ୍ଷପତି ଦିଦି ତିଆରି କରାଯିବ । କୁଚିଣ୍ଡାକୁ ଏକ ଅଗ୍ରଣୀ ସବଡିଭିଜନ ଭାବେ ଗଢିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଜନତାଙ୍କ ଅପାର ସ୍ନେହ ଓ ଉତ୍ସାହ ବିଜେପିର ଅଭୂତପୂର୍ବ ବିଜୟର ସନ୍ଦେଶ ଦେଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଆୟୋଜିତ ପୃଥକ ପୃଥକ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଅନେକ ନେତା, କର୍ମୀ ଓ ଯୁବବର୍ଗମାନେ ସାମିଲ ହୋଇଥିଲେ । ଦୁଇ ଗୁଣା ପଦ୍ମ, ଦୁଇ ଗୁଣା ବିକାଶର ନାରା ଦେବା ସହ ଲୋକସଭା ଓ ବିଧାନସଭାରେ ଦୁଇ ଥର ପଦ୍ମଫୁଲରେ ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବଲାଙ୍ଗିରରେ ବିଜେପି ...

କୋଟିଏ ମହିଳାଙ୍କୁ ବର୍ଷକ ମଧ୍ୟରେ ଲକ୍ଷପତି କରି ଦିଆଯିବ । ସାରା ଦେଶରେ ବନ୍ଦ ପଡ଼ିଥିବା କାରଖାନା ପୁଣି ଚାଲୁ କରିଦିଆଯିବ । ଚାଷୀମାନଙ୍କ ଋଣ ଛାଡ଼ କରାଯିବ, ଗ୍ୟାରେଣ୍ଟି ଏମଏସ୍‌ପି ଲାଗୁ ହେବ । ଇଣ୍ଡିମେଣ୍ଟ ସରକାର ମନରେଗା ମଜୁରୀ ୪ଶହ ଟଙ୍କା କରିବ । ବେକାର ଯୁବବର୍ଗଙ୍କୁ ବର୍ଷକ ଯାଏଁ ମାସିକ ୮୫୦୦ ଟଙ୍କା ମିଳିବ ବୋଲି ସେ କହିଛନ୍ତି । ରାହୁଲ ଆହୁରି କହିଛନ୍ତି, ଗରିବ ଲୋକଙ୍କ ସ୍ୱର ଗଣମାଧ୍ୟମରେ ଦେଖାଯାଉନାହିଁ । ଚାଷୀ ଆତ୍ମହତ୍ୟା କଲେ ଏହାକୁ ଗଣମାଧ୍ୟମ ଦେଖାଉନାହିଁ । କିନ୍ତୁ ଅମ୍ବାନୀ ପରିବାରର ବାହାଘର ନଚେତ ଅନ୍ୟାନ କାର୍ଯ୍ୟକ୍ରମ ଦେଖାଯାଉଛି । ଗଣମାଧ୍ୟମରେ ପଛୁଆବର୍ଗର ବ୍ୟକ୍ତି କେହି ନାହାନ୍ତି । ଯେଉଁଥିପାଇଁ ୯୦% ଭାରତୀୟଙ୍କ ସ୍ୱର ଗଣମାଧରେ ଦେଖାଯାଉନାହିଁ ।

### ଲାଞ୍ଚ ନେଇ ଧରାପଡ଼ିଲେ...

ଜୋତାମାଳ ପିନ୍ଧାଇଥିଲେ । ତା'ସହ ପ୍ରଚାର ପାଇଁ ବି ବାରଣ କରୁଥିବା ଦେଖିବାକୁ ମିଳିଛି ଭାଇରାଲ୍ ଭିଡ଼ିଓରେ । ତେବେ କାହିଁକି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ? ଏ ସମ୍ପର୍କରେ ସନାତନ ମହାକୁଡ଼ କିମ୍ବା ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ଆଜି ଭୁବନେଶ୍ୱରରେ ନଡ୍ଡାଙ୍କ ରୋଡ୍ ଶୋ': ୧୭ରେ ହେମାମାଳିନୀଙ୍କ ପ୍ରଚାର

ଭୁବନେଶ୍ୱର, ୧୫/୫ (ନି.ପ୍ର): ବିଜେପିର ଫୋକସରେ ଓଡ଼ିଶା । ଓଡ଼ିଶା ଦଖଲ ଲକ୍ଷ୍ୟ ନେଇ ଘନଘନ ଗସ୍ତରେ ଆସୁଛନ୍ତି କେନ୍ଦ୍ରୀୟ ନେତୃତ୍ୱ । ଏହିକ୍ରମରେ ଓଡ଼ିଶାରେ ପ୍ରଚାର କରିବେ ବିଜେପି ସାଂସଦ ତଥା ବଲିଉଡ୍ ଅଭିନେତ୍ରୀ ହେମାମାଳିନୀ । ମେ' ୧୭ ତାରିଖରେ ସେ ଓଡ଼ିଶା ଆସିବେ ଓ ୩ଟି ସ୍ଥାନରେ ପ୍ରଚାର କରିବେ । ହେମାମାଳିନୀ ଉତ୍ତର ଭୁବନେଶ୍ୱର ଓ କଟକ କିଶନ ନଗରରେ ସଭା କରିବେ । ପିପିଲିରେ ସେ ରୋଡ୍ ଶୋ' କରିବେ । ଏନେଇ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ଆସନ୍ତାକାଲି ସକାଳେ ଭୁବନେଶ୍ୱରରେ ରୋଡ୍ ଶୋ' କରିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା । ମାଉସୀ ମା' ମନ୍ଦିର ଠାରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ସେ ରୋଡ୍ ଶୋ' କରିବେ । ପରେ ଅପରାହ୍ନରେ ପଦ୍ମପୁର ଓ ସୁନ୍ଦରଗଡ଼ରେ ସଭା କରିବେ ନଡ୍ଡା । ୧୭ ତାରିଖରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଓଡ଼ିଶା ଆସିବେ । ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି, ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଓ କନ୍ଧମାଳର ଜି. ଉଦୟଗିରିରେ ସେ ପ୍ରଚାର କରିବେ । ସେହି ଦିନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ଆଠଗଡ଼ ଓ ନରସିଂହପୁରରେ ପ୍ରଚାର କାର୍ଯ୍ୟକ୍ରମ ରହିଛି । ଏମାନଙ୍କ ବ୍ୟତୀତ ୧୭ ତାରିଖରେ ପୁଣି ଓଡ଼ିଶା ଆସିବେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା । କବିସୂର୍ଯ୍ୟନଗର କଣ୍ଟାବାଞ୍ଜି, ଲୋଇସିଂହା, ସତ୍ୟବାଦୀ ଓ ପିପିଲିରେ ସେ ମାରାଥନ୍ ପ୍ରଚାର କରିବେ ।



## ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା



ବାଲିଆପାଳ , ୧୫/୫ (ନି.ପ୍ର): ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଛାତ୍ରୀ ଏବେ ବିଭିନ୍ନ ପରୀକ୍ଷା ରେ ସଫଳତା ପାଇଥିବା ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ଜଣାଇଛନ୍ତି । ଏହି ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀର ଛାତ୍ର କୁଶୁଡ଼ିହା ଗ୍ରାମର ଚନ୍ଦ୍ର କାନ୍ତ ରାଉତଙ୍କ ପୁତ୍ର ସ୍ୱାଧୀନ କୁମାର ରାଉତ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ରାଜ୍ୟରେ ୮୮% ନମ୍ବର ରଖି ଷଷ୍ଠ ସ୍ଥାନ ହାସଲ କରିଥିବା ବେଳେ ପ୍ରାଦେଶିକ ମେଧା ବୃତ୍ତି ପରୀକ୍ଷାରେ ୯୦% ନମ୍ବର ରଖି ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଅସ୍ତି ପଞ୍ଚାୟତ ବଡ ମଇଁଷି ଆଡି ଗ୍ରାମର ରାଜେଶ କୁମାର ଭୂୟାଁଙ୍କ କନ୍ୟା ଇପ୍ସିତା ଭୂୟାଁ ଶ୍ରୀ ଭାରତୀ ଗଣିତ ପ୍ରତିଭା ପରୀକ୍ଷାରେ ୮୮%ନମ୍ବର ରଖି ଷଷ୍ଠ ସ୍ଥାନ ହାସଲ କରିଥିବା ବେଳେ ପ୍ରାଦେଶିକ ମେଧା ବୃତ୍ତି ପରୀକ୍ଷାରେ ୮୮%ନମ୍ବର ରାଜ୍ୟରେ ସପ୍ତମ ସ୍ଥାନ ଅଧିକାର କରିଛନ୍ତି । ଶିଶୁ ବିଦ୍ୟା ମନ୍ଦିରର ଏହି ସଫଳତା ପରେ ଛାତ୍ର ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# ଜିଲ୍ଲା ପ୍ରଶାସନର ନିର୍ବାଚନ ପରିଚାଳନା ପ୍ରସ୍ତୁତିର ସମୀକ୍ଷା କଲେ ଦୁଇ ସାଧାରଣ ପର୍ଯ୍ୟବେକ୍ଷକ

ଭଦ୍ରକ, ୧୫/୫ (ନି.ପ୍ର): ନିର୍ବଚାନ କାର୍ଯ୍ୟ ପରିଚାଳନା ଏକ ଟିମ୍ ୱାର୍କ । ପର୍ଯ୍ୟବେକ୍ଷକମାନେ ମଧ୍ୟ ସେହି ଟିମ୍‌ରେ ସାମିଲ୍ । ପ୍ରତି ନିର୍ବାଚନ ଆମ ପାଇଁ ନୂଆ । ନିର୍ବାଚନ ପରିଚାଳନା ନେଇ ପ୍ରଶାସନ ଦ୍ୱାରା ପ୍ରସ୍ତୁତ କ୍ୟାଲେଣ୍ଡର ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଦକ୍ଷତା, ନିଷ୍ଠାର ସହ ନିୟମ କାନୁନ୍ ଅନୁପାଳନ ପୂର୍ବକ ନିଜ ନିଜର ଦାୟିତ୍ୱ ସମ୍ପାଦନ କଲେ ସୁରୁଖୁରୁରେ ନିର୍ବାଚନ ପରିଚାଳନା ସମ୍ପାଦିତ ହୋଇ ପାରିବ ବୋଲି ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ଭଦ୍ରକ ଜିଲ୍ଲା ପାଇଁ ନିୟୋଜିତ ଦୁଇ ସାଧାରଣ ପର୍ଯ୍ୟବେକ୍ଷକ ପରାମର୍ଶ ପ୍ରଦାନ କରିଛନ୍ତି । ଭଦ୍ରକ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ନିର୍ବାଚନୀ ବୈଠକରେ ୪୫-ବାସୁଦେବପୁର, ୪୭-ଚାନ୍ଦବାଲି, ୪୧-ସୋରୋ (ଏସ୍.ସି.), ୪୨-ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ଆଇ.ଏ.ଏସ୍. ଅଧିକାରୀ ଭଗବତୀ ପ୍ରସାଦ କାଲାଲ ଏବଂ ୪୩-ଭଣ୍ଡାରିପୋଖରୀ, ୪୪- ଭଦ୍ରକ, ୪୬-ଧାମନଗର (ଏସ୍.ସି.) ନିର୍ବାଚନ ମଣ୍ଡଳୀ ପାଇଁ ଆଇ.ଏ.ଏସ୍. ଅଧିକାରୀ ଅଭିଚଳ ଚତୁର୍ବେଦୀ ଦୁଇ ସାଧାରଣ ପର୍ଯ୍ୟବେକ୍ଷକ ଯୋଗ ଦେଇ ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପରିଚାଳନା ଗତ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଥିଲେ । ପ୍ରଥମେ ଜିଲ୍ଲାପାଳ ଦୃଶ୍ୟ ଫଳକ ଜରିଆରେ ନିର୍ବାଚନୀ ପ୍ରସ୍ତୁତିର ସମସ୍ତ ତଥ୍ୟ ଓ ତାଲିକା ଉପସ୍ଥାପନ କରିଥିଲେ । ବୈଠକରେ ଯୋଗ ଦେଇଥିବା ଏସ୍.ପି. ବରୁଣ ଗୁଣ୍ଟୁପାଲି ନିର୍ବାଚନୀ କାର୍ଯ୍ୟ ପରିଚାଳନା ନେଇ ପୋଲିସ ପ୍ରଶାସନ ତରଫରୁ ପୋଲିସ ମୁତୟନ ବ୍ୟବସ୍ଥା, ଧରପଗଡ଼, ଶାନ୍ତି ଶୃଙ୍ଖଳା ରକ୍ଷା ଆଦି ପାଇଁ ପ୍ରସ୍ତୁତି ସମ୍ବନ୍ଧରେ ପର୍ଯ୍ୟବେକ୍ଷକ ଦ୍ୱୟଙ୍କୁ ଅବଗତ କରାଇଥିଲେ । ବୈଠକରେ ଉପସ୍ଥିତ ଜିଲ୍ଲାର ୫ଟି ବିଧାନସଭାର ସଂପୃକ୍ତ ରିଟର୍ଣ୍ଣିଂ ଅଧିକାରୀ ଭାବେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ନିଜ ନିଜ ଦାୟୀତ୍ୱରେ ଥିବା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରସ୍ତୁତିର ଅଭିଜ୍ଞତା ସମ୍ବନ୍ଧରେ ଅବଗତ କରାଇଥିଲେ । ସ୍ୱିପ୍‌ର ନୋଡ଼ାଲ ଅଧିକାରୀ ଶ୍ରୀଯୁକ୍ତ ଦତ୍ତ, ପୋଷ୍ଟାଲ ଭୋଟ୍ ର ନୋଡ଼ାଲ ଅଧିକାରୀ ଶ୍ରୀଯୁକ୍ତ ପାତ୍ର, ଭୋଟର ତାଲିକା ପ୍ରସ୍ତୁତିର ନୋଡ଼ାଲ ଅଧିକାରୀ ଡ଼େପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ ମଧ୍ୟ ନିଜ ନିଜ ପ୍ରସ୍ତୁତି ସମ୍ବନ୍ଧରେ ଅବଗତ କରାଇଥିଲେ । ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ଭୌଗଳିକ ରୂପରେଖ, ଭୋଟର ସଂଖ୍ୟା, ବୁଥ ସଂଖ୍ୟା, ସର୍ବନିମ୍ନ ସୁବିଧା ଉପଲବ୍ଧ ନିଶ୍ଚିତତା ନେଇ ସମସ୍ତ ବୁଥର ସ୍ଥିତାବସ୍ଥା, ଭୋଟର ତାଲିକା ପ୍ରସ୍ତୁତି, ପୋଲିସ୍ ଓ ସେକ୍ଟର ଅଫିସରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା, ଡ଼ାକଭୋଟ, ଘରୋଇ ଭୋଟ, ମତଦାନ କାର୍ଯ୍ୟକ୍ରମ ପରିଚାଳନାରେ ନିୟୋଜିତ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ, ଆବଶ୍ୟକ ଇଭିଏମ୍ ଓ ଭିଭିପାଟ୍ ସଂଖ୍ୟା, ଡ଼ିସ୍‌ବରସାଲ କେନ୍ଦ୍ର ପ୍ରସ୍ତୁତି ଓ ପରିଚାଳନା, ଆବଶ୍ୟକ ଯାନବାହନ ଓ ରୁଟ୍‌ଚାର୍ଟ ପ୍ରସ୍ତୁତି, ଷ୍ଟ୍ରଙ୍ଗ ରୁମ୍ ଗଣତି କେନ୍ଦ୍ର ସ୍ଥାନ ଆଦି ସମ୍ବନ୍ଧରେ ପର୍ଯ୍ୟବେକ୍ଷକ ଦ୍ୱୟ ଟିକିନିଖି ପଚାରି ବୁଝିଥିଲେ । ଜିଲ୍ଲା କାର୍ଯ୍ୟାଳୟରେ ଖୋଲାଯାଇଥିବା ଜିଲ୍ଲା ନିର୍ବାଚନ ନିୟନ୍ତ୍ରଣ କକ୍ଷ, ସି-ଭିଜିଲ କକ୍ଷ, ଏମ୍.ସି.ଏମ୍.ସି. ସେଣ୍ଟର, ଭିଡ଼ିଓ ଭିଉଇଂ କକ୍ଷ ଆଦିକୁ ମଧ୍ୟ ପର୍ଯ୍ୟବେକ୍ଷକ ପରିଦର୍ଶନ କରିଥିଲେ ।



# ବିଜେଡ଼ି ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କଲେ ନିଜ ଦଳର ଗୋଟିଏ ଗୋଷ୍ଠୀ

ଢେଙ୍କାନାଳ, ୧୫/୫ (ନି.ପ୍ର): ମତଦାନ ପାଇଁ ସମୟ ଯେତେ ପାଖେଇ ଆସୁଛି, ବିଜେଡି କଳି ସେତେ ତୀବ୍ର ହେଉଛି । ଆଜି ପ୍ରଚାର କରିବାକୁ ଯାଇଥିବା ବିଜେଡି ବିଧାୟକ ପ୍ରାର୍ଥୀ ନୃସିଂହ ଚରଣ ସାହୁଙ୍କୁ ନିଜ ଦଳର ଗୋଟିଏ ଗୋଷ୍ଠୀ ବିରୋଧ କରିଛନ୍ତି । ଗାଁରେ ଶୋଭାଯାତ୍ରା କରିବାକୁ ଦେଇନଥିବା ଅଭିଯୋଗ ହୋଇଛି । ଢେଙ୍କାନାଳ ଜିଲ୍ଲାରୁ ଆସିଛି ଏପରି ଚିତ୍ର । ଢେଙ୍କାନାଳ ଲୋକସଭା କ୍ଷେତ୍ରର ସବୁଠାରୁ ଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ପରଜଙ୍ଗ । ଏହି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ହେଉଛନ୍ତି ନୃସିଂହ ସାହୁ । ଆଜି ଶ୍ରୀ ସାହୁ ନିଜ ସମର୍ଥକଙ୍କ ସହ ମକୁଆକାଟେଣୀ ଗାଁକୁ ଯାଇଥିଲେ । ଶୋଭାଯାତ୍ରାରେ ଗାଁ ପରିକ୍ରମା କରୁଥିବା ବେଳେ ରାସ୍ତାରେ ଅଟକାଇଥିଲେ ବିଜେଡିର ଗୋଟିଏ ଗୋଷ୍ଠୀ । ନୃସିଂହ ଚରଣ ସାହୁଙ୍କୁ ଆଗକୁ ବଢ଼ିବାକୁ ଦେଇନଥିଲେ । ଯେଉଁଥିପାଇଁ ବିଜେଡିର ଦୁଇ ଗୋଷ୍ଠୀ ମୁହାଁମାହିଁ ହୋଇଥିଲେ । ଏପରିକି ବିଧାୟକଙ୍କ ସହ ଯୁକ୍ତିତର୍କ ହୋଇଥିଲା । ଶେଷରେ ନୃସିଂହ ସାହୁ ନିଜର ସମର୍ଥକଙ୍କୁ ଧରି ଅନ୍ୟ ଗାଁକୁ ଯାଇଥିଲେ । ସୂଚନାରୁ ପ୍ରକାଶ, ନୃସିଂହ ଚରଣ ସାହୁଙ୍କ ଡାହାଣ ହାତ କୁହାଯାଉଥିବା କାର୍ତ୍ତିକ ସାହୁ ହେଉଛନ୍ତି ପୂର୍ବତନ ପରଜଙ୍ଗ ବ୍ଲକ ଅଧ୍ୟକ୍ଷ । ଚଳିତ ନିର୍ବାଚନରେ ସେ ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ । ସେଥିପାଇଁ ବିଧାୟକଙ୍କ ପରି ସମାନ୍ତରାଳ ଭାବେ ସଙ୍ଗଠନ କରି କାର୍ଯ୍ୟ କରୁଥିଲେ । ହେଲେ ସେ ବିଧାୟକ ପ୍ରାର୍ଥୀ ହୋଇପାରିନଥିଲେ । ଯେଉଁଥିପାଇଁ ନୃସିଂହ ସାହୁ ଓ କାର୍ତ୍ତିକ ସାହୁ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି । ତେଣୁ ଆଜି ନୃସିଂହ ଓ ତାଙ୍କ ସମର୍ଥକ ମକୁଆକାଟେଣୀ ଆସିଥିବା ବେଳେ କାର୍ତ୍ତିକଙ୍କ ସମର୍ଥକମାନେ ଜୋରଦାର ବିରୋଧ କରିଥିଲେ । ତେବେ ଏନେଇ ନୃସିଂହ ଚରଣ ସାହୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।



## ବିଜେପି ପ୍ରାର୍ଥୀଙ୍କର ପୌରାଂଚଳରେ ନିର୍ବାଚନୀ ପ୍ରଚାର

କେନ୍ଦ୍ରାପଡ଼ା, ୧୫/୫ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର କରିଥିବା ଗୀତାଞ୍ଜଳୀ ସେଠୀ ତାଙ୍କର ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ କୁ ଆଗେଇ ନେଉଛନ୍ତି । ବୁଧବାର ଶ୍ରୀମତୀ ସେଠୀ ପୌରାଂଚଳ ୨୧ନଂ ୱାର୍ଡ ଗ୍ରାମରେ ଘରକୁ ଘର ବୁଲି ଲୋକମାନଙ୍କୁ ପଦ୍ମ ଫୁଲରେ ଭୋଟ ଦେଇ ସାଂସଦ ଏବଂ ବିଧାୟିକା ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବା ପାଇଁ ନିବେଦନ କରିବା ସହିତ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ସପକ୍ଷରେ ଭାଷଣ ପ୍ରଦାନ କରିଥିଲେ ।

# ତ୍ୟାଗ ଓ ସେବା ପାଇଁ ହରେକୃଷ୍ଣ ଜନ ମାନସରେ ବଞ୍ଚିଛନ୍ତି

ବାଲିଆପାଳ , ୧୫/୫ (ନି.ପ୍ର): ନିଜ ପାଇଁ କମ୍ ଅନ୍ୟ ପାଇଁ ଅଧିକ ଯୁଝିଥିବା ହରେକୃଷ୍ଣ ଗିରି ନିଜର ତ୍ୟାଗ ଓ ସେବା ପାଇଁ ଚିରଦିନ ଜନ ମାନସରେ ବଂଚିଛନ୍ତି ବୋଲି ବୁଧବାର ବାଲିଆପାଳ ବଜାର ପାରୁଳିଆ ଛକ ପ୍ରତିମୂର୍ତ୍ତି ନିକଟ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ବାଲିଆପାଳ ବିଏଡ୍ କଲେଜ, ଶାରିରୀକ ଶିକ୍ଷା କଲେଜ, ମହିଳା କଲେଜ୍, ଶ୍ରଦ୍ଧାପତି ଶ୍ରୀ ଜଗନ୍ନାଥ ମନ୍ଦିର, ରଥ ଯାତ୍ରା, ବାଲିଆପାଳ ଶ୍ରୀଦୁର୍ଗା କ୍ଲବ, ବୀରପାଳିଆ କୃଷ୍ଣଭାନୁ ଏମ୍ ଇ ସ୍କୁଲ୍, ଜାଠିଆ କୃଷ୍ଣଭାନୁ ହାଇସ୍କୁଲ, ପାରୁଳିଆ ଛକ ବଣିକ ସଂଘ ଆଦିର ସେ ଅନନ୍ୟ ପୁରୋଧା ଥିଲେ । ଓଡ଼ିଆ ସିନେମା ' ହିସାବ କରିବ କାଳିଆ ' ର ସେ ପ୍ରଯୋଜକ ଥିଲେ । ମାତ୍ର ୬୫ ବର୍ଷ ବୟସରେ ମସ୍ତିଷ୍କ ଆଘାତ ଯୋଗୁଁ ମୃତ୍ୟୁ ହେବାରୁ ଅନେକ ସ୍ୱପ୍ନ ତାଙ୍କର ଅଧୁରା ରହିଗଲା ବୋଲି ଅତିଥିମାନେ ମଧ୍ୟ କହିଛନ୍ତି । କନିଷ୍ଠ ଭ୍ରାତା ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ପ୍ରଧାପକ କୁଞ୍ଜକାନ୍ତ ପାତ୍ର, ବୀର ମାଧବ ଦାସ, ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ଉତ୍କଳ ସମ୍ମିଳନୀ ବାଲିଆପାଳ ବ୍ଲକ ସମ୍ପାଦକ ସନ୍ନ୍ୟାସୀ ବେହେରା, ଡ଼ା ହରେକୃଷ୍ଣ ଦାସ, ରାମକୃଷ୍ଣ ଦାସ ଅଧିକାରୀ, ବର୍ଷୀୟାନ କବି ବିଜୟ କୁମାର ପାତ୍ର, ଯୁବ କବି ନଳିନୀ କାନ୍ତ ପାଢ଼ୀ, ସେକ ନିମାଜୀ, ଓଡାନ୍ ସଧାରଣ ସମ୍ପାଦକ ସଦାଶିବ ସେଠୀ, ଶିଶିର କୁମାର ଖଣ୍ଡା, କାଳୀ ଚରଣ ଖଣ୍ଡା, କବୟିତ୍ରୀ ସବିତା ଦାସ, ଅମିତା ଦାସ, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ଦିଲ୍ଲୀପ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶୁଭେନ୍ଦୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।



# ଟ୍ରକ୍-କାର-ଟ୍ରକ୍ ମଧ୍ୟରେ ସିରିଜ୍ ଧକ୍କା: ୫ ଜଣଙ୍କ ମୃତ୍ୟୁ



କେନ୍ଦୁଝର, ୧୫/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ରିମୁଳି ବାଇପାସରେ ଆଜି ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ବଡ଼ବିଲ ଯାଉଥିବା ଏକ କାର ବାଇପାସରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା । ତେବେ କାର ପଛରେ ଆସୁଥିବା ଆଉ ଗୋଟିଏ ଟ୍ରକ୍‌କୁ ଧକ୍କା ଦେଇଥିଲା । ଅର୍ଥାତ ଦୁଇ ଟ୍ରକ୍ ମଝିରେ ଚାପି ହୋଇଯାଇଥିଲା କାର । ଯେଉଁଥିପାଇଁ କାରରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଆଜି ରାତି ପ୍ରାୟ ୯ଟା ବେଳେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚିଛି । ପରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଦୁର୍ଘଟଣାରେ କାରଟି ଚୁରମାର ହୋଇଥିବାରୁ କଟର ମାଧ୍ୟମରେ କାଟି ମୃତଦେହ ଓ ଗୁରୁତରଙ୍କୁ ଉଦ୍ଧାର କରାଯାଉଛି । ବର୍ତ୍ତମାନ ସେହି ରାସ୍ତା ଦେଇ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି । ମୃତକମାନେ ବଡ଼ବିଲ୍ ଅଞ୍ଚଳର ବୋଲି ଜଣାପଡ଼ିଛି । ସେମାନେ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି ।

# ୧ କୋଟିରୁ ଅଧିକ ଟଙ୍କାର ଗଞ୍ଜେଇ ଜବତ

ବୌଦ୍ଧ , ୧୫/୫ (ନି.ପ୍ର): ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚଳାଇ ଥିଲେ ମାଫିଆ ମାନେ । ଠିକ୍ ସେଇ ସମୟରେ ଅବକାରୀ ବିଭାଗ ହଠାତ୍ ଚଢାଉ କରିଥିଲା । ପୁଲିସ ଗାଡ଼ିକୁ ଦେଖି ଜଙ୍ଗଲ ଭିତରେ କୋଟି କୋଟି ଟଙ୍କାର ଗଞ୍ଜେଇ ଛାଡ଼ି ଡିଆଁମାରି ଥିଲେ ମାଫିଆ । ବୌଦ୍ଧ ଜିଲ୍ଲା ବଘିଆପଡ଼ା ପାଣ୍ଡି ଅନ୍ତର୍ଗତ ଆଙ୍କୁନ ଓ ସାନବବଡ଼ା ଜଙ୍ଗଲରେ ଚୋରା ଚାଲାଣ ପାଇଁ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ଚାଲିଥିବା କୌଣସି ସୂତ୍ରରୁ ଖବର ପାଇଥିଲେ ବୌଦ୍ଧ ଅବକାରୀ ବିଭାଗ । ସୂଚନାକୁ ଭିତ୍ତିକରି ଅବକାରୀ ବିଭାଗ ସେଠାରେ ପହଞ୍ଚି ଅତର୍କିତ ଭାବେ ଚଢ଼ାଉ କରିଥିଲା । ହେଲେ ଅବକାରୀ ପୁଲିସ ଉଭୟ ଆଙ୍କୁନ ଗାଁ ନିକଟସ୍ଥ ଜଙ୍ଗଲରୁ ୫ କୁଇଣ୍ଟାଲ ୧୫ କିଲୋ ଓ ସାନବବଡ଼ା ନକଟସ୍ଥ ଜଙ୍ଗଲରୁ ୫ କୁଇଣ୍ଟାଲ ୬୦ କିଲୋ ଗଞ୍ଜେଇ ଜବତ କରିବା ସହ ଦୁଇଟି ବାଇକକୁ ଜବତ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧କୋଟି ୭ଲକ୍ଷ ୫୦ହଜାର ଟଙ୍କା ହେବବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଶାନ୍ତନୁ କୁମାର ଆଚାର୍ଯ୍ୟ ଟ୍ରଷ୍ଟର ୫ମ ଅଧିବେଶନ ଅନୁଷ୍ଠିତ

ଭୁବନେଶ୍ୱର, ୧୫/୫ (ନି.ପ୍ର): ଭୁବନେଶ୍ୱର ୟୁନିଟ୍ ୯ ସ୍ଥିତ ରୋଟାରୀ ଭବନଠାରେ ଶାନ୍ତନୁ କୁମାର ଆଚାର୍ଯ୍ୟ ଟ୍ରଷ୍ଟର ୫ମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଜଣେ ରାସାୟନ ବିଜ୍ଞାନୀ ହୋଇ



ମଧ୍ୟ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଥିବା ଯୁଗ ପୁରୁଷ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ୯୨ ତମ ଜନ୍ମ ଦିନ ଅବସର ରେ ପ୍ରାଚୀନ କଳିଙ୍ଗ ନୈବାଣିଜ୍ୟଠାରୁ ଆଧୁନିକ ସମୟ ପର୍ଯ୍ୟନ୍ତ ଓଡିଆ ଲୋକଙ୍କ ବିଶ୍ୱସ୍ତରୀୟ ଉପସ୍ଥିତି ବିଷୟ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ମାନେ ଥିଲେ, ସୁବାର୍ତ୍ତା ର ସମ୍ପାଦକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, ବରିଷ୍ଠ ସାମ୍ବାଦିକ ଶ୍ରୀ ଗୌରୀ ପ୍ରସାଦ ମହାପାତ୍ର ଏବଂ ନୌବାଣିଜ୍ୟ ବିଶାରଦ ଶ୍ରୀ ଅକ୍ଷୟ ପରିଜା । ଏହି ସଭାରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଟ୍ରଷ୍ଟର ସଭାପତି ଡ. ଇତି ସାମନ୍ତ ସଭାପତିତ୍ୱ କରିଥିଲେ । ପରିଚାଳନା କରିଥିଲେ ପ୍ରକାଶକ ଶ୍ରୀ ବନୋଜ ତ୍ରିପାଠୀ ଏବଂ ଶେଷରେ ଟ୍ରଷ୍ଟର ସଂପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ସବୁ ସଭ୍ୟ, ଅନେକ୍ ବିଶିଷ୍ଟ ସାହିତ୍ୟିକ ଏବଂ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ ।




# ଅସ୍ତି ଗ୍ରାମ ପଞ୍ଚାୟତରେ ବିଜୁ ଜନତା ଦଳର କର୍ମୀ ବୈଠକ

ବାଲିଆପାଳ , ୧୫/୫ (ନି.ପ୍ର): ସାଧାରଣ ନିର୍ବାଚନ -୨୦୨୪ ପରିପ୍ରେକ୍ଷୀରେ ବୁଧବାର ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ଡ଼ାଳୁଆ ଗ୍ରାମର ତାରିଣୀ ଛକ ତପନ ଜେନାଙ୍କ ବାସଭବନରେ ବିଜେଡିର କାର୍ଯ୍ୟାଳୟ ଉଦଘାଟନ ଓ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷକ ନେତା ତଥା ପୂର୍ବତନ ସରପଞ୍ଚ ଶରତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ବୈଠକରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଯୋଗ ଦେଇ ଉପସ୍ଥିତ ପଞ୍ଚାୟତର ଗୁରୁଜନ, ମା' ମାଉସୀ ଓ ଯୁବବର୍ଗଙ୍କ ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ତୃଣମୂଳ ସ୍ତରରେ ଦଳର ସଂଗଠନ ସୁଦୃଢ଼ ଦିଗରେ କାର୍ଯ୍ୟ କରିବାକୁ ସଭିଙ୍କୁ ଆହ୍ୱାନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ଭୋଟ ଭିକ୍ଷା



କରିଥିଲେ ।ବାଲେଶ୍ୱର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ମିଳିମିଶି ଅଞ୍ଚଳର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବକ୍ତା ବାଲିଆପାଳ ବିଜେଡି ପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର, ସମାଜସେବୀ ସୌମଦୀପ ଚକ୍ରବର୍ତ୍ତୀ ୨୧ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା କାଞ୍ଚନ ବାଳା ଜେନା, ଅସ୍ତି ପଞ୍ଚାୟତ ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା, ସଦସ୍ୟା ହରପ୍ରିୟା ପାତ୍ର, ପୂର୍ବତନ ସରପଞ୍ଚ ଶାନ୍ତନୁ ଭଦ୍ର, କରୁଣାକର ଜେନା ଓ ବିଜୁ ଜନତା ଦଳର ବହୁ ନେତୃବୃନ୍ଦ ଓ ଶତାଧିକ ପୁରୁଷ ମହିଳା କର୍ମୀ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଦ୍ୱାରା ନିଆଗଲା କଡାକଡି କାର୍ଯ୍ୟାନୁଷ୍ଠାନ

## ନିର୍ବାଚନ ସମୟରେ ଜନ ପ୍ରତିନିଧିତ୍ୱ ଅଧିନିୟମ ଉଲଂଘନ ଯୋଗୁଁ ୪ ଗୋଟି ଗାଡି ମାଲିକଙ୍କ ବିରୋଧରେ ନିଆଗଲା କାର୍ଯ୍ୟାନୁଷ୍ଠାନ

ବାରିପଦା, ୧୫/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ (ଭା.ପ୍ର.ସେ.) ପୁନର୍ବାର ନେଇଛନ୍ତି ନିୟମ ଅମାନ୍ୟକାରୀ ମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ। ସୂଚନା ଥାଉକି, ଏକକାଳୀନ ସାଧାରଣ ନିର୍ବାଚନ ପାଇଁ, ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୦ ଅନୁସାରେ, ଆବଶ୍ୟକତା ଦୃଷ୍ଟିକୋଣରୁ ଜିଲ୍ଲାପାଳ ଶ୍ରୀ ସିନ୍ଧେ ଚାରୋଟି ଗାଡିକୁ ତାଙ୍କ ମାଲିକଙ୍କ ଦ୍ୱାରା ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଏହି ଗାଡି ଗୁଡ଼ିକୁ ଉତ୍ତମ ଅବସ୍ଥା ଏବଂ ଚାଳକ ସହିତ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଉପଜିଲ୍ଲାପାଳ, ବାରିପଦାଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗାଡିର ମାଲିକ ମାନେ, ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୦ ଉଲଂଘନ କରି ଏହି ଗାଡ଼ିଟିକୁ ଧାର୍ଯ୍ୟ ସମୟ ଏବଂ ସ୍ଥାନରେ ଉପସ୍ଥାପନ କରିନଥିଲେ। ଯାହାଫଳରେ, ଜିଲ୍ଲାପାଳ, ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୭ ପ୍ରୟୋଗ କରି, ସେହି ଚାରିଜଣ ଗାଡି ମାଲିକ ଯଥାକ୍ରମେ, ଶିଶିର କୁମାର ପୃଷ୍ଟି, ଦିଲ୍ଲୀପ କୁମାର ପାତ୍ର, ପୁଷ୍ପଲତା କୁଅଁରବୁ, ମନମୋହନ ସୋରେନଙ୍କ ବିପକ୍ଷରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯଥା ସ୍ଥାନୀୟ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ତତ୍ସହିତ ସେହି ପରିପ୍ରେକ୍ଷୀରେ ୪୮ ଘଣ୍ଟା ସମୟ ମଧ୍ୟରେ ରିପୋର୍ଟ , ଜିଲ୍ଲାପାଳଙ୍କ ପାଖରେ ଦାଖଲ କରିବାକୁ ନିର୍ଦ୍ଦେଶ କରାଯାଇଛି । ଏହି ଜିଲ୍ଲାପାଳ ଏହା ମଧ କହିଛନ୍ତିଯେ, ନିର୍ବାଚନ ସମୟରେ ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଏବଂ ଆଚରଣ ସଂହିତାର ଉଲ୍ଲଙ୍ଘନ ହେଲେ, ନିୟମ ଆଧାରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ବଢୁଛି ସ୍ୱାଧିନ ପ୍ରାର୍ଥିଙ୍କ ଦବ୍‌ଦବା: ଉଦଳାରେ ୩ ଜଣ ମହିଳାଙ୍କ ସମେତ ମୋଟ ୧୬ ଜଣ ପ୍ରାର୍ଥି କଲେ ନାମାଙ୍କନ ଦାଖଲ

ଉଦଳା , ୧୫/୫ (ନି.ପ୍ର): ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥି ଭାବରେ ନାମାଙ୍କନ ଦାଖଲର ଶେଷ ଦିବସ ସୁଦ୍ଧା ମୋଟ ୧୬ ଜଣ ପ୍ରାର୍ଥି ନାମାଙ୍କନ ଦାଖଲ କରିଥିବାର ଜଣାଯାଇଛି । ସେଥି ମଧ୍ୟରୁ ଭାରତୀୟ ଜନତା ପାର୍ଟିର ଭାସ୍କର ମଢ଼େଇ, ବିଜୁ ଜନତା ଦଳର ଶ୍ରୀନାଥ ସୋରେନ, କଂଗ୍ରେସର ଦୁର୍ଗା ଚରଣ ଟୁଡୁ ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଚକ୍ରଧର ସିଂ ଦଳୀୟ ପ୍ରାର୍ଥି ଭାବରେ ପରିଗଣିତ ହେଉଥିବା ବେଳେ ଅନ୍ୟ ସମସ୍ତ ପ୍ରାର୍ଥି ସ୍ୱାଧିନ ଅଟନ୍ତି ବୋଲି କୁହାଯାଉଛି । ତେବେ ଏହି ସ୍ୱାଧିନ ପ୍ରାର୍ଥିଙ୍କ ମଧ୍ୟରେ ୩ ଜଣ ମହିଳା ମଧ୍ୟ ଅଛନ୍ତି । ସେମାନେ ସବୁ ହେଲେ ରାଇମଣି ବିଶ୍ୱାଳ, ମାୟା ଟୁଡୁ ଓ ମିନାକ୍ଷୀ ମୁର୍ମୁ । ତେବେ ଉଦଳାରେ ସ୍ୱାଧିନ ପ୍ରାର୍ଥିଙ୍କ ପ୍ରତି ଜନସମର୍ଥନ ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ଏଠାରେ ଭିନ୍ନ ସ୍ୱାଦର ବାତାବରଣ ଖେଳି ଯାଇଥିବାର କଥା ଚର୍ଚ୍ଚା ହେଉଛି । ଆସନ୍ତା ୧୭ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି ।

# ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା

ବାଲିଆପାଳ, ୧୫/୫ (ନି.ପ୍ର): ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଛାତ୍ରୀ ଏ ବେ ବର୍ଦ୍ଧିନ୍ନ ପରୀକ୍ଷା ରେ ସଫଳତା



ପାଇଥିବା ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ଜଣାଇଛନ୍ତି। ଏହି ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀର ଛାତ୍ର କୁଶୁଡ଼ିହା ଗ୍ରାମର ଚନ୍ଦ୍ର କାନ୍ତ ରାଉତଙ୍କ ପୁତ୍ର ସ୍ୱାଧୀନ କୁମାର ରାଉତ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ରାଜ୍ୟରେ ୮୮% ନମ୍ବର ରଖି ଷଷ୍ଠ ସ୍ଥାନ ହାସଲ କରିଥିବା ବେଳେ ପ୍ରାଦେଶିକ ମେଧା ବୃତ୍ତି ପରୀକ୍ଷାରେ ୯୦% ନମ୍ବର ରଖି ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅସ୍ତି ପଞ୍ଚାୟତ ବଡ ମଇଁଷି ଆଡି ଗ୍ରାମର ରାଜେଶ କୁମାର ଭୂୟାଁଙ୍କ କନ୍ୟା ଇପ୍ସିତା ଭୂୟାଁ ଶ୍ରୀ ଭାରତୀ ଗଣିତ ପ୍ରତିଭା ପରୀକ୍ଷାରେ ୮୮%ନମ୍ବର ରଖି ଷଷ୍ଠ ସ୍ଥାନ ହାସଲ କରିଥିବା ବେଳେ ପ୍ରାଦେଶିକ ମେଧା ବୃତ୍ତି ପରୀକ୍ଷାରେ ୮୮%ନମ୍ବର ରାଜ୍ୟରେ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ଶିଶୁ ବିଦ୍ୟା ମନ୍ଦିରର ଏହି ସଫଳତା ପରେ ଛାତ୍ର ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି।

# କୁମ୍ଭାରୀ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ଲଙ୍ଗଳେଶ୍ୱର, ୧୫/୫ (ନି.ପ୍ର): ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ପ୍ରଭାକର ଜେନାଙ୍କ ବାସଭବନରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବରିଷ୍ଠ ନେତା ଭଗୀରଥ ଗିରି ସଭାପତିତ୍ୱ କରିଥିଲେ । କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ପୂର୍ବତନ ସାଂସଦ ତଥା ବିଜେଡିର ଷ୍ଟାର ପ୍ରଚାରକ ଶ୍ରୀଯୁକ୍ତ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନାଙ୍କୁ ଏବଂ ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଯୋଡି ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ ।ଏହି କର୍ମୀ ସମ୍ମିଳନୀରେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ,ଜୋନ୍ ପର୍ଯ୍ୟବେକ୍ଷକ ଯଯାତି ଦାସ,ପୂର୍ବତନ ସମିତି ସଦସ୍ୟ ଝାଡେଶ୍ୱର ବେହେରା,ବରିଷ୍ଠ ନେତା ଲକ୍ଷ୍ମୀଧର ସେଠୀ,ପ୍ରଫୁଲ୍ଲ ପାତ୍ର,ଆଡଭୋକେଟ୍ ମାନସ ମହାପାତ୍ର,କ୍ରୀଷ୍ଣା ଦାସ,ଛାତ୍ରନେତା ଚନ୍ଦନ ଜେନା,ସନ୍ତୋଷ ଦାସ ପ୍ରମୁଖ ବହୁ ନେତୃବୃନ୍ଦ ଏବଂ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ବିକଶିତ ଭାରତ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକସଭାର ବାଚସ୍ପତି ଶ୍ରୀଯୁକ୍ତ ଓମ୍ ବିର୍ଲାଙ୍କ ଯୋଗଦାନ

ବାଲେଶ୍ୱର, ୧୫/୫ (ନି.ପ୍ର): ଆଜି ବାଲେଶ୍ୱର ନୋସି ସମ୍ମିଳନୀ କକ୍ଷରେ 'ବିକଶିତ ଭାରତ ବିକଶିତ ଓଡ଼ିଶା' ନାମକ ଏକ ଆଲୋଚନା ଚକ୍ରରେ ଲୋକସଭାର ୧୭ତମ ବାଚସ୍ପତି ଶ୍ରୀଯୁକ୍ତ ଓମ୍ ବିର୍ଲା ଯୋଗଦେଇ ଥିଲେ। ଦିବା ୧୦.୫୦ ମିନିଟ ସମୟରେ ନୋସି ହେଲିପ୍ୟାଡ଼ରେ ଅବତରଣ କରିବା ସମୟରେ ଶ୍ରୀଯୁକ୍ତ ଓମ୍ ବିର୍ଲାଙ୍କୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ସ୍ୱାଗତ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପରେ ପ୍ରଥମ ଥରପାଇଁ ଜଣେ ଲୋକସଭାର ବାଚସ୍ପତି ବାଲେଶ୍ୱର ମାଟିରେ ପାଦ ଦେଇଥିବାରୁ ସଂସଦୀୟ କ୍ଷେତ୍ର ସମେତ ସମଗ୍ର ଜିଲ୍ଲା ନିଜକୁ ଗୌରବାନିତ୍ୱ ମନେକରୁଛି ବୋଲି ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ କହିଛନ୍ତି। କାର୍ଯ୍ୟକ୍ରମରେ ମମତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ



ଶ୍ରୀ ଅଜୟ ଅଗ୍ରୱାଲ ତାଙ୍କ ବ୍ୟକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଓଡ଼ିଶା ପ୍ରତି ପ୍ରାଧାନ୍ୟ ବିଷୟରେ ଆଲୋଚନା କରିଥିଲେ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ସେମାନଙ୍କ ବ୍ୟକ୍ତବ୍ୟରେ ରାଜ୍ୟ ପାଇଁ ଓ ନିଜ ନିଜ ବିଧାନସଭା ମଣ୍ଡଳୀ ପାଇଁ କେନ୍ଦ୍ରୀୟ ଯୋଜନା ବିଷୟରେ ବିସ୍ତାରିତ ଭାବେ କହିଥିଲେ, ତା ସହିତ ଆଗାମୀ ଦିନରେ ତାଙ୍କର ସଂକଳ୍ପ ବିଷୟରେ କହିଥିଲେ। ଏହା ପରେ ବାଲେଶ୍ୱର ମାଟିର ବରପୁତ୍ର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ବକ୍ତାଙ୍କୁ ନମସ୍କାର କରି ତାଙ୍କ ବ୍ୟକ୍ତବ୍ୟ ଆରମ୍ଭ କରିଥିଲେ। ୨୫ ବର୍ଷର ବିଜେଡ଼ି କୁଶାସନ ବିଷୟରେ ବର୍ଣ୍ଣନା କରିଥିଲେ, ଓଡ଼ିଆ ଅସ୍ମିତା ଆଜି ବିପଦରେ, ମହାପ୍ରଭୁଙ୍କ ରତ୍ନଭଣ୍ଡାରର ସ୍ଥିତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ମୋଦିଜୀଙ୍କ ପାଇଁ କେବଳ ଭାରତୀୟ ଅର୍ଥନୀତି ୧୧ ସ୍ଥାନରୁ ୫ ନମ୍ବରକୁ ଆସିନାହିଁ, ସାମରିକ, ସାମାଜିକ, ବୈଦେଶିକ ସାଂସ୍କୃତିକ କ୍ଷେତ୍ରରେ ଆମ ଦେଶର ସମ୍ମାନ ଆଜି ଶୀର୍ଷରେ ପହଞ୍ଚିଛି। ଆଗାମୀ ସାଧାରଣ ନିର୍ବାଚନରେ ମୋଦୀଙ୍କ ଆହ୍ୱାନ 'ଅବ୍ କି ବାର ୪୦୦ ପାର ଓ ଓଡ଼ିଶାରେ ବିଜେପି ସରକାର' କୁ ସାକାର କରିବା ପାଇଁ ଅନୁରୋଧ ରଖିଥିଲେ। ସର୍ବଶେଷରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଓମ୍ ବିର୍ଲା ସଭାକୁ ସମ୍ବୋଧିତ କରି ବିଗତ ଦଶ ବର୍ଷରେ ଭାରତର ବିକାଶର ଗାଥା ଗୋଟିଏ ପରେ ଗୋଟିଏ ବିସ୍ତୃତ ଭାବେ କହିଥିଲେ। ଗୋଟିଏ ସମୟ ଥିଲା ଭାରତ ସାମରିକ କ୍ଷେତ୍ରରେ ଆମେରିକା, ରୁଷ, ଇଂଲଣ୍ଡ, ଇଉରୋପ, ଫ୍ରାନ୍ସ, ଜାପାନ, ଜର୍ମାନୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା, ମୋଦିଜୀଙ୍କ ସଂକଳ୍ପ ଯୋଗୁ ସାମରିକ କ୍ଷେତ୍ରରେ ଆମେ ୮୦% ଆତ୍ମନିର୍ଭରଶୀଳ ହୋଇପାରିଛୁ, ତତ୍ସହିତ ରପ୍ତାନି କରୁଛୁ। ୨୦୧୪ ପୂର୍ବରୁ ଦେଶରେ ଆତଙ୍କବାଦୀ ଘଟଣା ପ୍ରତିନିୟତ ଘଟୁଥିବା ବେଳେ ମୋଦିଜୀ ଆତଙ୍କବାଦୀ, ମାଓବାଦୀଙ୍କ କାର୍ଯ୍ୟକଳାପକୁ ସମୂଚ ସଙ୍କୁଚିତ କରିପାରିଛନ୍ତି। ବିକଶିତ ଭାରତ ବିକଶିତ ଓଡ଼ିଶା ପାଇଁ ନୂଆ ଯୋଜନା, ନୂଆ ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାର ବିପୁଳ ସମ୍ଭାବନା ସୃଷ୍ଟି ହୋଇଛି। ସେ ଆହୁରି କହିଥିଲେ ଓଡ଼ିଶାର ଲୋକ ନବୀନ ସରକାରକୁ ହଟାଇ ପରିବର୍ତ୍ତନ ଚାହୁଁଛନ୍ତି। ବାଲେଶ୍ୱରରେ ଡବଲ୍ ଇଞ୍ଜିନ ସରକାର ପାଇଁ ଆହ୍ୱାନ କରି ବ୍ୟକ୍ତବ୍ୟ ସମାପ୍ତ କରିଥିଲେ 'ବିକଶିତ ଭାରତ ବିକଶିତ ଓଡ଼ିଶା' ସଭାକାର୍ଯ୍ୟକୁ ସଂଯୋଜକ ମୋହିତ ପୋଦାର ଓ ମମତା ମହାପାତ୍ର ପରିଚାଳନା କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo